**ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ**

ଜୁନାଗଡ଼ (ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ସହର ହିଞ୍ଜିଲିବାହାଲି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଅଜଣା ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଳମପୁର ବ୍ଲକ ବ୍ରାହ୍ମଣ କେନ୍ଦୁଗୁଡା ଗାଁର ଶ୍ୟାମ ଗଉଡ଼ (୬୨)। ଶ୍ୟାମ ହିଞ୍ଜିଲିବାହାଲି ଛକ ନିକଟରେ ୨୬ ନମ୍ବର ଜାତୀୟ ରାଜପଥ ପାର ହେଉଥିବା ସମୟରେ ଏକ ଅଜଣା ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଜୁନାଗଡ଼ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।



**ସଂକ୍ଷେପରେ**

## ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପରେ ଖଡ଼ିଆଳର ଖେଳାଳି



ଖଡ଼ିଆଳ,୧୦।୪ (ସୁଜିତ କୁମାର ପ୍ରଧାନ): ଭାରତୀୟ ଗ୍ରାମୀଣ ଫୁଟ୍‌ବଲ ମହାସଂଘ ଦ୍ୱାରା ୧୪ ଓ ୧୯ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ୭ମ ଜାତୀୟ ବାଳକ ଓ ବାଳିକା ଫୁଟ୍‌ବଲ ଚାମ୍ପିୟନଶିପ ଝାଡ଼ଖଣ୍ଡର ଲୋହାରଦାଗା ଷ୍ଟାଡିୟମ ଓ ରାଞ୍ଚିର ମାରଙ୍ଗ ଗୋଙ୍କେ ଯଏପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା, ଆସାମ, ବିହାର, ଝାଡ଼ଖଣ୍ଡ ଓ ଇଷ୍ଟ ବେଙ୍ଗଲର ଖେଳାଳି ଯୋଗଦାନ କରିଥିଲେ। ଓଡ଼ିଶା ଦଳରେ ଖଡ଼ିଆଳ ଅଞ୍ଚଳର ଖେଳାଳି ଯୋଗଦାନ କରି ନୂଆପଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ଖଡ଼ିଆଳର କୁଞ୍ଜବିହାରୀ କଟା ଓଡ଼ିଶା ଦଳର କୋଚ୍ ଓ ଟିମ୍ ମ୍ୟାନେଜର ଭାବେ ସଞ୍ଜୟ କୁମାର ନାଏକ ଯୋଗଦାନ କରିଥିଲେ। ଉଭୟ କୋଚ୍ ଓ ମ୍ୟାନେଜରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

**ଜୁନାଗଡ଼ ବ୍ଲକରେ କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି ଘଟଣା**

ଭବାନୀପାଟଣା,୧୦।୪(ଉତ୍ତମ କୁମାର ଦାଶ)




ପୂର୍ବ ସରକାର ପ୍ରତି ବ୍ଲକକୁ କ୍ରୀଡ଼ା ସାମଗ୍ରୀ କିଣିବା ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ। ଗ୍ରାମାଞ୍ଚଳରେ କ୍ରୀଡ଼ା କ୍ଷେତ୍ରରେ ଆଗ୍ରହ ସୃଷ୍ଟି ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା। ତେବେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି ଘଟଣା ଭିଜିଲାନ୍ସ ନଜରକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଭବାନୀପାଟଣା ଭିଜିଲାନ୍ସ ବିଭାଗ ତରଫରୁ ତଦନ୍ତ କରାଯାଇ ଭିଜିଲାନ୍ସ ଏସ୍‌ପିଙ୍କ ନିକଟକୁ ପଠାଯାଇଥିଲା। ଏସ୍‌ପି ଭିଜିଲାନ୍ସ ମଧ ରିପୋର୍ଟ ପାଇବା ପରେ ରାଜ୍ୟ ଭିଜିଲାନ୍ସ ଅଫିସକୁ ପଠାଇଥିବା ପ୍ରକାଶ। ତେବେ ସରକାରୀ ସ୍ତରରେ ଫାଇଲକୁ ଅଟକାଇ ରଖାଯାଇଥିବା କୁହାଯାଉଛି। ଜୁନାଗଡ଼ ବ୍ଲକର ସତ୍ୟ ନାରାୟଣ ବେହେରା ଦୁର୍ନୀତିର ନିରପେକ୍ଷ ତଦନ୍ତ ପାଇଁ ଚେଷ୍ଟା କରି ବିଫଳ ହେବାପରେ ଉଚ୍ଚ ନ୍ୟାୟାଳୟରେ ଗତ ଜାନୁଆରୀ ୭ରେ ଏକ ପିଆଇଏଲ୍ କରିଥିଲେ। ଷ୍ଟେଟ ଅଫ ଓଡ଼ିଶା ସମେତ ନିର୍ଦ୍ଦେଶକ ଭିଜିଲାନ୍ସ, ଏସ୍‌ପି କୋରାପୁଟ ଭିଜିଲାନ୍ସଙ୍କୁ ପକ୍ଷ କରିଥିଲେ। ତଥାପି ଫାଇଲକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏ ସଂକ୍ରାନ୍ତରେ କୋରାପୁଟ ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଜୁନାଗଡ଼ ବିଡ଼ିଓଙ୍କ ବିରୋଧରେ ଏହି ଅଭିଯୋଗ ଥିବା କାରଣରୁ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ଅର୍ଡର ପହଞ୍ଚିଲେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ ହେବା ନିଶ୍ଚିତ।

ସୂଚନା ଅନୁସାରେ, ଗତବର୍ଷ ଅଗଷ୍ଟ ମାସରୁ ବ୍ଲକ ପ୍ରଶାସନ ଖେଳ ସାମଗ୍ରୀ କିଣାରେ ଅର୍ଥ ଆତ୍ମସାତ୍ କରାଯାଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ପହଞ୍ଚିଥିଲା। ପ୍ରାୟ ୮୪ଲକ୍ଷ ଟଙ୍କାର କ୍ରୀଡ଼ା ସାମଗ୍ରୀ କିଣାଯାଇଥିବା ବିଲରୁ ସୂଚିତ ହେଉଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତଦନ୍ତ ସମୟରେ ପ୍ରାୟ ୪୦ଲକ୍ଷ ଟଙ୍କା ବାଟମାରଣା ହୋଇଥିବା ଜଣାପଡିଛି। ୨୦୨୩ରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରତି ଜିଲାରେ ଗ୍ରାମାଞ୍ଚଳର ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡା ସାମଗ୍ରୀ କ୍ରୟ ଦିଗରେ ଅର୍ଥରାଶି ପ୍ରଦାନ କରିଥିଲେ। ପଞ୍ଚାୟତ ପିଛା ୨ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଜୁନାଗଡ଼ ବ୍ଲକରେ କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି ନେଇ ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କ ନିର୍ଦ୍ଦେଶମତେ କ୍ରୀଡ଼ା ସାମଗ୍ରୀ ଯୋଗା ନ ଯାଇ ନିମ୍ନମାନର ସାମଗ୍ରୀ ବଣ୍ଟନ କରାଯାଇଥିବା ଅଭିଯୋଗକୁ ଭିଜିଲାନ୍ସ ଜୋର ଦେଇଥିଲେ ବି ଫଳ ଶୂନ୍ୟ ଅବସ୍ଥାରେ ଅଟକିରହିଛି। ବ୍ଲକର ୩୪ ପଞ୍ଚାୟତରେ ଅଢେଇ ଲକ୍ଷ ହିସାବରେ ପ୍ରାୟ ୮୪ ଲକ୍ଷ ଟଙ୍କାର କ୍ରୀଡା ସାମଗ୍ରୀ ଆସିଥିଲା ଓ ଏହାକୁ ସମସ୍ତ ପଞ୍ଚାୟତକୁ ବଣ୍ଟନ କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା କଳାହାଣ୍ଡି ଜିଲା ସମେତ ଓଡ଼ିଶାରେ ଅନେକ ଖେଳ ସାମଗ୍ରୀ ଦୋକାନ ରହିଥିବା ବେଳେ ଛତିଶଗଡ଼ ରାଜ୍ୟ ରାୟପୁରରୁ ଏହି ସାମଗ୍ରୀ କିଣାଯାଇଥିଲା। ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ଖେଳ ସାମଗ୍ରୀର ଦାମ, ମାନକୁ ନେଇ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ସାଧାରଣରେ ଦାବି ଉଠିଥିଲା। ଫଳରେ ଗତ ଜୁଲାଇରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ଆସିଥିବା କ୍ରୀଡା ସାମଗ୍ରୀକୁ କଳାହାଣ୍ଡି ଭିଜିଲାନ୍ସ ତଦନ୍ତ କରିସାରିଛି। ଏବେ ଏହି କ୍ରୀଡା ସାମଗ୍ରୀ ବଣ୍ଟନ ଦୁର୍ନୀତିର ଗତି କୁଆଡ଼କୁ ଯିବ ତାହା ଜାଣିବା ପାଇଁ ସମସ୍ତେ ଅପେକ୍ଷାରେ ଅଛନ୍ତି।

## ଋଷିପୀଠ ଯୋଗୀମଠ ମହୋତ୍ସବ ଉଦ୍‌ଘାଟିତ

ଖଡ଼ିଆଳ,୧୦।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଡୁକୁଲାଠାରେ ଋଷିପୀଠ ଯୋଗୀମଠ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସକାଳେ ଋଷି ପିଟେନଙ୍କ ପୂଜା ପରେ ଋଷି ପୀଠଠାରୁ କଲେଜ ପଡିଆ ଡୁକୁଲା ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ସାଂସ୍କୃତିକ ସଭା ଆରମ୍ଭ ହୋଇଥିଲା। ପରିଚାଳନା କମିଟି ଉପସଭାପତି ଦିନେଶ ପ୍ରସାଦ ତିୱାରୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଓ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂ, କମାଣ୍ଡାଣ୍ଟ ୨୧୬ ବାଟାଲିୟନ ଏରିକ ଗିଲବଟ ଜୋଶ, ଅଧ୍ୟକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନୂଆପଡା ହୋମ ସିଂ ମାଝୀ, ସଭାପତି ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ଘାସିରାମ ମାଝି, ସାଧାରଣ ସମ୍ପାଦକ ସୋମନାଥ ଖମାରୀ, ବରିଷ୍ଠ ସମାଜସେବୀ ଉଗ୍ର ମାଧବ ମାଝୀ, ସରପଞ୍ଚ ରିଣିଗାଁ ବିରଞ୍ଚି ନାଗ, କବି ତଥା ଖଡ଼ିଆଳ ପଟ୍ଟାୟତ ନୀଳଲୋହିତ ସିଂଦେଓ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଋଷି ପୀଠ ଯୋଗୀମଠ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ, ଇତିହାସ, ଧର୍ମ ସଂସ୍କୃତିର ଅନନ୍ୟ ପ୍ରତୀକ। ଏହାର ପ୍ରଚାର ପ୍ରସାର ତଥା ରକ୍ଷାଣବେକ୍ଷଣରେ ଜନ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ଏହି ମହୋତ୍ସବ ଆୟୋଜିତ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଗୋପାଳ ଚନ୍ଦ୍ର ଦାଶ ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ମାଲ୍ୟବନ୍ତ ସୁନା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଲାଞ୍ଜିଗଡ଼-ବେନଗାଁ ରାସ୍ତା ଶୋଚନୀୟ



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଲାଞ୍ଜିଗଡ଼,୧୦।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ରୁ ବେନଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଲାଞ୍ଜିଗଡ଼ଠାରୁ ବାନିଗାଁ, ବୀରସିଙ୍ଗେର, ଘୋଡ଼ାପୋଖେର, ପାଜିବାହାଲି ଦେଇ ବେନଗାଁକୁ ସଂଯୋଗ କରୁଥିବା ଏହି ୧୨ କି.ମି. ଦୀର୍ଘ ରାସ୍ତା ନିର୍ମାଣ ହେବା ପରଠାରୁ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲିଯାଇଛି। ଲାଞ୍ଜିଗଡ଼ ତଥା ଶିଳ୍ପାଞ୍ଚଳରୁ ଘାଟି ଅଞ୍ଚଳକୁ ସିଧାସଳଖ ଯୋଡୁଥିବା ଏହି ରାସ୍ତାର ଦୁରବସ୍ଥା ଯୋଗୁ ଲୋକେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ଲାଞ୍ଜିଗଡ଼ ବ୍ଲକ୍ ଘାଟି ଅଞ୍ଚଳରେ ଥିବା ବେନଗାଁ, ଲାଖବାହାଲି, ବିଜେପୁର, ପାହାଡ଼ପଦର, ମାଳିଘୁବାଙ୍ଗ ଆଦି ପଞ୍ଚାୟତର ୨୦ ହଜାରରୁ ଅଧିକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ଅବସ୍ଥା ଯୋଗୁ ହାଟ ବଜାର ଓ ଡାକ୍ତରଖାନା ଯିବା ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ରାସ୍ତା ନିର୍ମାଣ କରିଥିବାବେଳେ ତାଙ୍କର ରକ୍ଷଣାବେକ୍ଷଣ ଅବଧି ସରିନାହିଁ। କିନ୍ତୁ ନିମ୍ନମାନର କାମ ଯୋଗୁ ଅଳ୍ପଦିନ ମଧ୍ୟରେ ରାସ୍ତା ଖରାପ ହୋଇଥିବାବେଳେ ଏହାର ରକ୍ଷଣାବେକ୍ଷଣ ହେଉନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନ ଥିଲା।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ରୁପ୍ରାରୋଡ୍,୧୦।୪(ସଞ୍ଜୀବ ଦାସ): ହାତୀ ଆକ୍ରମଣରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ୍‌ର ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କୁରମେଲ ପଞ୍ଚାୟତ ବୁଦେଲଗୁମା ଗ୍ରାମର ସୀମାଞ୍ଚଳ ନାଏକ (୪୮)। ସୂଚନା ମୁତାବକ ଗୁରୁବାର ରାତି ପ୍ରାୟ ୧୦ଟା ପରେ ସୀମାଞ୍ଚଳ ବୁଦେଲଗୁମାରୁ କୌଣସି କାମରେ ସାଇକେଲ ଯୋଗେ ନୂଆପଡ଼ା ଯାଉଥିବା ବେଳେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି ତଳେ କଚାଡ଼ିଦେବାରୁ ତାଙ୍କ ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତୁରନ୍ତ ଗାଁ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ନର୍ଲା ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ହାତୀ ଆକ୍ରମଣରେ ଏହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା।

## ଦର୍ଶକଙ୍କ ହୃଦୟ ଜିତିଲେ କଳାକାର



ଜଣେ କଳାକାରଙ୍କୁ ସମ୍ମାନିତ କରାଯାଉଛି।

**କଳାଗ୍ରାମରେ କଳାକାର ସହ ଦିନଟିଏ**

ଭବାନୀପାଟଣା,୧୦।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାସ୍ତରୀୟ ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଜିଲାର କଳାଗ୍ରାମ ଛୋରିଆଗଡ଼ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ସାଂସ୍କୃତିକ ସଭାରେ ଜୁନାଗଡ ବିଡ଼ିଓ ଦେବାଶିଷ କର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ବିଏସ୍ଏସ୍‌ଓ ତୁଷାର ରଞ୍ଜନ ସାହୁ, ସରପଞ୍ଚ ବବିତା ଗୁରୁ, ଜିଲା ସଂସ୍କୃତି ସଂଘର ଉପସଭାପତି କରୁଣାକର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଲୋକକଳାକୁ ବଞ୍ଚାଇ ରଖିଥିବା ୧୮ ଜଣ କଳାକାରଙ୍କୁ ସମ୍ମାନିତ କରଯାଇଥିଲା। ମା' ଲଙ୍କେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ମଞ୍ଚରେ ଘୁମୁରା, ସଙ୍କୀର୍ତ୍ତନ, ମାଦଳି, ବନବାଡି ଆଦିର ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହାସହ ଯୁବ କଳାକାରମାନେ ନିଜ ପ୍ରତିଭା ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିଲେ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ କଳାଗ୍ରାମରେ ସାଂସ୍କୃତିକ ପରମ୍ପରାର ସୁରକ୍ଷା ସହ ନୂତନ ପିଢ଼ିକୁ କଳା ପ୍ରତି ଆକର୍ଷିତ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କଳାହାଣ୍ଡି ସଂସ୍କୃତି ପରିଷଦର ସଂଯୋଜକ ଅଶୋକ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ ବ୍ଲକର ସଂସ୍କୃତି ସଂଘ ସଭାପତି ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ନିଃଶୁଳ୍କ କୋଚିଂ ସେଣ୍ଟର ପରିଦର୍ଶନ

ନୂଆପଡ଼ା,୧୦।୪ (ମକାରୁ ବେମାଲ): ନୂଆପଡା ଜିଲାପାଳ ମଧୁସୂଦନ ଦାଶ ଶୁକ୍ରବାର ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ମାଗଣା କୋଚିଂ ସେଣ୍ଟର ପରିଦର୍ଶନ କରି ନାମ ଲେଖାଇଥିବା ଚାକିରି ଆଶାୟୀଙ୍କୁ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ଜିଲାପାଳ ଆଶାୟୀମାନଙ୍କୁ ଉତ୍ସାହିତ କରି ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ସୁଚିନ୍ତିତ ପ୍ରସ୍ତୁତି, ନିୟମିତ ଅଭ୍ୟାସ ଓ ସମୟ ପରିଚାଳନାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ୟୁପିଏସ୍‌ସି ଓ ଓପିଏସ୍‌ସି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ସେ କିଛି ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଚାକିରି ଆଶାୟୀଙ୍କୁ ନିଜ ସ୍ୱପ୍ନ ପୂରଣ କରିବାରେ ସହାୟତା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ନେଲେ ବିଧାୟକ

ଭବାନୀପାଟଣା,୧୦।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଯୋଜନା କମିଟିରେ ନୂତନ ଅଧ୍ୟକ୍ଷ ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତ କରିଛନ୍ତି। ଏ ନେଇ ଗତ ୧ ତାରିଖରେ ରାଜ୍ୟ ସରକାର ଏକ ପ୍ରେସ ବିବୃତି ଜରିଆରେ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭବାନୀପାଟଣାସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ପାଟ୍ଟଯୋଶୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ସେ ଜିଲାପାଳଙ୍କୁ ସାକ୍ଷାତ କରିବା ସହ ବିଧାୟକ ପାଣ୍ଠି ଉପରେ ସମୀକ୍ଷା କରିଛନ୍ତି। ପ୍ରକାଶ ଯେ, ରାଜ୍ୟରେ ସରକାର ବଦଳିବା ପରେ ୨୦୨୪ଠାରୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦବୀ ଖାଲି ପଡିଥିଲା। ଫଳରେ ଦୁଇଟି ଆର୍ଥିକବର୍ଷ ୨୦୨୪-୨୫ ଓ ୨୦୨୫ -୨୬ରେ ଜିଲା ଯୋଜନା କମିଟିରେ ବୈଠକ ବସିନାହିଁ। ଦୁଇବର୍ଷର ମୋଟ ୧୩କୋଟି ଟଙ୍କା ବିନିଯୋଗ ନ ହୋଇ ପଡ଼ିରହିଛି। ଏ ସମ୍ପର୍କରେ ଗତ ୩୦ ମାର୍ଚ୍ଚରେ ଧରିତ୍ରୀରେ ଏକ ରିପୋର୍ଟ ମଧ ପ୍ରକାଶ ପାଇଥିଲା। ତେବେ ନୂତନ ଅଧ୍ୟକ୍ଷ ନିଯୁକ୍ତ ପରେ ଏହି ଅର୍ଥର ସୁବିନିଯୋଗ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି।

## ବ୍ଲକ୍‌ସ୍ତରୀୟ ଖଡିଛୁଆଁ, ପ୍ରବେଶ ଉତ୍ସବ

ବୋଡ଼େନ,୧୦।୪ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ରାନିମୁଣ୍ଡା କଲୋନି ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଇଓ ରୁଦ୍ରେଶ୍ୱର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିପିଓ ଅର୍ଚ୍ଚନା ରାଉତ ମୁଖ୍ୟଅତିଥି, ଆକାଂକ୍ଷି ବ୍ଲକ ସହଯୋଗୀ ରାକେଶ ଷଡଙ୍ଗୀ ମୁଖ୍ୟବକ୍ତା, ଡମଝର ସୁପରଭାଇଜର ବୃନ୍ଦାବତୀ ଶଗରିଆ, ଲିଟିସର୍ଗି ସୁପରଭାଇଜର ଆଶାମତୀ ଧରୁଆ, କରଙ୍ଗାମାଲ ସିଆର୍‌ସିସି ଅମର ସିଂ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୧୩ କ୍ଲଷ୍ଟରରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଖଡିଛୁଆଁ କରି ବହିବସ୍ତାନୀ ପ୍ରଦାନ କରାଯାଇଥିଲା। ନିମନା ସିଆର୍‌ସିସି ରିଖିରାମ ଜଗତ ମଞ୍ଚ ପରିଚାଳନା ଓ ସୁନାମୁଦି ସିଆର୍‌ସିସି ହରିଶଙ୍କର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ସମ୍ପର୍କିତ ଅଭିଯୋଗର ଶୀଘ୍ର ସମାଧାନ ନିର୍ଦ୍ଦେଶ

**ଜିଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ**

ନୂଆପଡ଼ା,୧୦।୪ (ମକାରୁ ବେମାଲ)



ବୈଠକରେ ଶିକ୍ଷାର ଅଗ୍ରଗତି ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ବିଭାଗ ପକ୍ଷରୁ ଚାଲୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଜନଶୁଣାଣି ପୋର୍ଟାଲରେ ଆସୁଥିବା ଶିକ୍ଷା ସମ୍ପର୍କିତ ସମସ୍ତ ଅଭିଯୋଗକୁ ଶୀଘ୍ର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ, ଜିଲାର ସମସ୍ତ ବ୍ଲକରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୨୫୦ ଜଣ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହୋଇଛନ୍ତି। ବୋଡ଼େନ ବ୍ଲକରେ ୪୮୮, ଖଡିଆଳରେ ୯୧୮, କୋମନାରେ ୬୭୮, ସିନାପାଲିରେ ୮୮୩ ଓ ନୂଆପଡ଼ା ବ୍ଲକରେ ସର୍ବାଧିକ ୧୨୦୩ ଜଣ ଭର୍ତ୍ତି ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟରେ ପିଇବା ପାଣି, ପରିଷ୍କାର ଶୌଚାଳୟ, ମାସିକ ଋତୁସ୍ରାବ ସମ୍ବନ୍ଧୀୟ ସ୍ୱଚ୍ଛତା ବ୍ୟବସ୍ଥା ଓ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ପିଇବା ପାଣି ବ୍ୟବସ୍ଥା, ଓଆର୍ଏସ୍ ପ୍ୟାକେଟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସମ୍ଭାବନା ୨୦୨୬ କାର୍ଯ୍ୟଯୋଜନା, ଏକକ ଶିକ୍ଷକ ବିଦ୍ୟାଳୟ, ବକେୟା ପେନ୍‌ସନ୍ ମାମଲା, ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଶିକ୍ଷା ସେବିକା ନିଯୁକ୍ତି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଖାଲି ପଦବୀ ପୂରଣ, ପିଏମ୍‌ଶ୍ରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ରେଶମଲାଲ ନାୟକ ସମେତ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା,୧୦।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅବକାରୀ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷାରୁ ଜଣାପଡିଥିଲା ଯେ, ଚଳିତ ଆର୍ଥିକ ବର୍ଷ ୨୦୨୬ ପର୍ଯ୍ୟନ୍ତ ମୋଟ ୨୬,୩୦,୯୬,୯୧୧ ଟଙ୍କା ଆଦାୟ ହୋଇ ୮୭.୩୭ ପ୍ରତିଶତ ସଫଳତା ହୋଇଛି। ସେହିପରି ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୧୯୪୨ଟି ମାମଲା ରୁଜୁ ହୋଇଥିବା ବେଳେ ୧୨୦୩ ଜଣଙ୍କୁ ଗିରଫ କରାଯାଇଛି ଏବଂ ୧୦୯୦ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ବୈଠକରେ ଅବୈଧ ମଦ ବିକ୍ରି ଓ ଚୋରା ଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହୀରାବତୀ ଥାଟି, ବୃନ୍ଦାବତୀ ଭୁଏ, ଏଏସ୍ଆଇ ବଳଭଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ

**୭୯ ଗର୍ଭବତୀଙ୍କୁ ମିଳିଲା ମାଗଣା ସେବା**

କେସିଙ୍ଗା,୧୦।୪(ତୁମେଶ୍ୱର ସାହୁ)



ମହିଳାଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି ଡାକ୍ତର।

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ରବୀନ୍ଦ୍ର ଖଟୁଆଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜୁନ୍ ୨୦୧୬ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରତିମାସ ଭଳି ଏପ୍ରିଲ ୯ରେ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୭୯ ଜଣ ଗର୍ଭବତୀଙ୍କୁ ଦ୍ୱିତୀୟ ଓ ତୃତୀୟ ତ୍ରୈମାସିକରେ ମାଗଣାରେ ଗୁଣାତ୍ମକ ପ୍ରସବ ପୂର୍ବଯାଞ୍ଚ ସୁବିଧା ଯୋଗାଇ ଦିଆଯାଇଥିଲା। ଏହାସହ ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ପରିସ୍ରା ପରୀକ୍ଷା, ରକ୍ତଚାପ, ଆବଶ୍ୟକ ସ୍ଥଳେ ଅଲଟ୍ରାସାଉଣ୍ଡ ସେବା ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ଖଟୁଆ, ଡା. ମଙ୍ଗଳ ହାଁସଦା ଓ ଡା. ଈଶିକା ଅଗ୍ରୱାଲ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରାମର୍ଶଦାତା ସରିତା ଶର୍ମା ଓ ବିଷ୍ଣୁ ପ୍ରସାଦ ମହାପାତ୍ର ପରାମର୍ଶ ସେବା ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହରେକୃଷ୍ଣ ଶତପଥୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ଅଧିକାରୀ ଦିଲୀପ କୁମାର ଦୁବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକରି ବିଭିନ୍ନ ସେବାର ଗୁଣବତ୍ତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହିସାବ ନିରୀକ୍ଷକ ବିଶ୍ୱ ଭୂଷଣ ପଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜଙ୍ଗଲ ଜମି ଅଧିକାରକୁ ନେଇ ତହସିଲ ଅଫିସ ଘେରାଉ

ଲାଞ୍ଜିଗଡ଼, ୧୦।୪(ରମେଶ ଚନ୍ଦ୍ର ନାୟକ)



ଘେରାଉରେ ସାମିଲ ଲୋକପ୍ରତିନିଧିଙ୍କ ସହ ଗ୍ରାମବାସୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ପାହାଡପଦର ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜାମ ଗ୍ରାମବାସୀ ଜଙ୍ଗଲ ଜମି ଅଧିକାରକୁ ନେଇ ଶୁକ୍ରବାର ଲାଞ୍ଜିଗଡ ତହସିଲ ଅଫିସ ଘେରାଉ ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସେମାନେ ଆଦିବାସୀ ଓ ଅନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ। ପୁଞ୍ଜାମ ଗ୍ରାମରେ ସ୍ଥାୟୀ ଭାବେ ରହିଆସୁଥିବା ବେଳେ ଜଙ୍ଗଲ ଉପରେ ନିର୍ଭରଶୀଳ। କିନ୍ତୁ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ ହେବାର ୨୦ବର୍ଷ ଅତିକ୍ରମ ହୋଇସାରିଥିବା ସତ୍ତ୍ୱେ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଜଙ୍ଗଲ ଅଧିକାର ଆଇନ ଅଧୀନରେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଯୋଗ୍ୟ ହୋଇଥିଲେ ମଧ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ଜିଲ୍ଲା ପ୍ରଶାସନର ଏହି ସକ୍ରିୟତା କାରଣରୁ ଅଧିକାରକ ଉଲଘଂନ କରାଯାଉଛି। ଗ୍ରାମର ସୀମା ଭିତରେ ଥିବା ଜମିକୁ ଗ୍ରାମ ସଭାର ବିନା ଅବଗତିରେ ରକବା ଏ. ୨୦୦୪.୭୩୦ ଡି. ଜମିକୁ କମ୍ପାନୀ ସ୍ୱାର୍ଥ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ (ଭୂମି ବ୍ୟାଙ୍କ)କୁ ଦିଆଯାଇଛି। ଏହା ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ଖୋଲା ଉଲ୍ଲଂଘନ କରୁଛି। ଏହାର ପ୍ରତିବାଦ କରି ସେମାନେ ଦର୍ଶାଇଛନ୍ତି ଯେ, ଗ୍ରାମର ପାରମ୍ପରିକ ସୀମା ଭିତରେ ଥିବା ଜମି, ଜଳ ଉତ୍ସ, ଜଙ୍ଗଲ, ଜୈବ ବିବିଧତା ପ୍ରାକୃତିକ ସମ୍ବଳ ଓ ସାଂସ୍କୃତିକ ଐତିହ୍ୟର ବ୍ୟବହାର କରିବା ଗ୍ରାମସଭାର ଆଇନଗତ ଅଧିକାର। ଗ୍ରାମର ସୀମା ଭିତରେ କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗ୍ରାମ ସଭାର ଅନୁମତି ବାଧ୍ୟତାମୂଳକ। ବିନା ଗ୍ରାମସଭାରେ ଏକର ଏକର ଜମିକୁ ଅଧିଗ୍ରହଣ କରାଗଲା କାହିଁକି ବୋଲି ଅଞ୍ଚଳବାସୀ ପ୍ରଶ୍ନକରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସତ୍ୟବ୍ରତ ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଘେରାଉ କାର୍ଯ୍ୟକ୍ରମରେ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି ସମ୍ପାଦକ ବ୍ରିଟିଶ କୁମାର, ପାହାଡ଼ ପଦର ସମିତି ସଭ୍ୟ ଜଗଦୀଶ ବେନିଆଁ, ପୂର୍ବତନ ସରପଞ୍ଚ କୁଞ୍ଜ ମାଝୀ, ବିକାଶ ମାଝୀ, ବୈଦ୍ୟନାଥ ନାଏକ, ବନ ମାଝୀ, ଘାଷି ମାଝୀ, ଗୌରଦେଇ ମାଝୀ, ଲିମା ମାଝୀ, ରଞ୍ଜିତ ନାଏକ, ଲୋକନାଥ ମାଝୀ ସମେତ ବହୁସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

**ଡାକ୍ତରଖାନା ଛାତ ଉପରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ**

**ବୌଦ୍ଧ,(ଅଜିତ କୁମାର ବାରିକ):** ଶୁକ୍ରବାର ବୌଦ୍ଧ ମୁଖ୍ୟ ଚିକିତ୍ସାଳୟର ଛାତ ଉପରୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବୌଦ୍ଧ ଜିଲ୍ଲା ବଘୁଆକଟା ଗ୍ରାମର ଜଣେ ମହିଳା ଗୁରୁବାର ବିଷ ପିଇବାରୁ ତାଙ୍କୁ ପରିବାର ଲୋକେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମହିଳା ଜଣକ ଧୀରେ ଧୀରେ ସୁସ୍ଥ ହେଉଥିବା ବେଳେ ପୁଣିଥରେ ଶୁକ୍ରବାର ମୁଖ୍ୟ ଚିକିତ୍ସାଳୟ ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କର ଅଣ୍ଟା ଓ ଗୋଡରେ ମାଡ ହେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# କେମୋଥେରାପିରେ ସୀମିତ କ୍ୟାନ୍‌ସର ଚିକିତ୍ସା

**ବରଗଡ଼ କ୍ୟାନ୍‌ସର ହସ୍ପିଟାଲ**

- ୧୩୮ କୋଟିର ହସ୍ପିଟାଲରେ ମିଳୁନି ସ୍ୱାସ୍ଥ୍ୟସେବା
- କ୍ୟାନ୍‌ସର ବିଶେଷଜ୍ଞ ସମେତ ଅନେକ ପଦବୀ ଖାଲି
- ସରକାର ବଦଳିବା ପରେ ପଛକୁ ଫେରିଛି ହସ୍ପିଟାଲ




ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲ୍ଲା କ୍ୟାନସର ରୋଗୀଙ୍କ ହବ୍ ପାଲଟିଛି। ଏଠାରେ କ୍ୟାନସର ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଛି। ଅନ୍ୟପଟେ ଏଠାରେ ଥିବା କ୍ୟାନସର ହସ୍ପିଟାଲରୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳୁନାହିଁ। କେବଳ କେମୋଥେରାପିରେ ଚିକିତ୍ସା ସୀମିତ ରହିଯାଇଛି। ଏଭଳି ସ୍ଥିତିରେ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ କ୍ୟାନସର ଆକ୍ରାନ୍ତଙ୍କୁ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାବେଳେ ଚିକିତ୍ସା ବିଳମ୍ବିତ ହେଉଥିବାରୁ ସେମାନେ ମୃତ୍ୟୁମୁଖରେ ମଧ୍ୟ ପଡୁଛନ୍ତି। ସରକାରଙ୍କ ଆନ୍ତରିକତା ଅଭାବରୁ ବରଗଡ଼ କ୍ୟାନସର ହସ୍ପିଟାଲ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ପାରିବା ଜିଲ୍ଲାବାସୀଙ୍କ ପାଇଁ ବିଡ଼ମ୍ବନାର ବିଷୟ ହୋଇଛି।

ବରଗଡ଼ ଜିଲ୍ଲାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢିବାରୁ ୨୦୧୮ରେ କ୍ୟାନସର ପୀଡ଼ିତଙ୍କୁ ନେଇ ଗଠିତ ବରଗଡ଼ର ଫାଇଟର୍ସ ଗ୍ରୁପ ଜିଲ୍ଲାର ବିଭିନ୍ନ ସଙ୍ଗଠନକୁ ଏକତ୍ରିତ କରି ୟୁନାଇଟେଡ୍ ଫୋରମ୍ ଫର୍ କ୍ୟାନସର ହସ୍ପିଟାଲ ଏଟ୍ ବରଗଡ଼ ଗଠନ କରିଥିଲା। ଫୋରମ୍‌ର ପ୍ରତିନିଧି ଦଳ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବରଗଡ଼ରେ ଏକ ସମ୍ପୂର୍ଣ୍ଣ କ୍ୟାନସର ହସ୍ପିଟାଲ ସ୍ଥାପନ ପାଇଁ ଦୃଢ଼ ଦାବି କରିଥିଲେ। ଜିଲ୍ଲାବାସୀଙ୍କ ଆବେଗ ଓ ଦୀର୍ଘଦିନର ଆକାଂକ୍ଷାକୁ ସମ୍ମାନ ଜଣାଇ ସେତେବେଳେ ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପନ ପାଇଁ ଘୋଷଣା କରିଥିଲେ। ଏଥିସହ ବିଭିନ୍ନ ପର୍ଯ୍ୟାୟ ଆଲୋଚନା ପରେ ୨୦୨୧ରେ ତତ୍କାଳୀନ ବିଜେଡ଼ି ସରକାର ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରି ଜି ପ୍ଲସ୍ ଫାଇଭ୍ ମଡ଼େଲର କ୍ୟାନସର ହସ୍ପିଟାଲ ପାଇଁ ଡିଜାଇନ୍ ଏବଂ ଏଷ୍ଟିମେଟ୍ ଅନୁମୋଦନ କରିଥିଲେ।

ଏହି କ୍ରମରେ ଗ୍ରାଉଣ୍ଡ ଫ୍ଲୋରରେ ରେଡ଼ିଏଶନ ଥେରାପି ବିଭାଗ ସହିତ ବଙ୍କର, ପ୍ରଥମ ବିଭାଗରେ ମେଡ଼ିକାଲ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି ଓପିଡ଼ି ସହ ୨୦ଟି ଡେ କେୟାର ବେଡ୍, ଦ୍ୱିତୀୟ ମହଲାରେ ପେଟ୍-ସିଟି ଗାମା କ୍ୟାମେରା ଓ ହଟ୍ ଚ୍ୟାମ୍ବର ସହ ନ୍ୟୁକ୍ଲିୟର ମେଡ଼ିସିନ ବିଭାଗ, ତୃତୀୟ ମହଲାରେ ଆଇପିଡ଼ି ଓ ମେଡ଼ିକାଲ ଅଙ୍କୋଲୋଜି, ଚତୁର୍ଥ ମହଲାରେ ସର୍ଜିକାଲ ଅଙ୍କୋଲୋଜି ଆଇପିଡ଼ି ଏବଂ ୨୦ବେଡ୍ ବିଶିଷ୍ଟ ଆଇସିୟୁ ପାଇଁ ମଞ୍ଜୁରୀ ମିଳିଥିଲା। ୨୦୨୧ ଶେଷଭାଗରେ ଟେଣ୍ଡର ଆହ୍ୱାନ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଆବଶ୍ୟକ ଯନ୍ତ୍ରପାତି ଓ ବୈଷୟିକ କର୍ମଚାରୀ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୨୪ ଜାନୁୟାରୀ ମାସରେ ୧୩୮ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୦ ବେଡ୍ ବିଶିଷ୍ଟ ଉକ୍ତ କ୍ୟାନସର ହସ୍ପିଟାଲକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ।

କ୍ୟାନସର ହସ୍ପିଟାଲ ଉଦଘାଟନ ହେବା ପରେ ୨ଜଣ ରେଡ଼ିଓ ଅଙ୍କୋଲୋଜିଷ୍ଟ, ୨ଜଣ ମେଡ଼ିକାଲ ଅଙ୍କୋଲୋଜିଷ୍ଟ, ୬ଜଣ ଜିଡ଼ିଏମ୍‌ଓ ସହ ନର୍ସଂ ଅଫିସର, ଫାର୍ମାସିଷ୍ଟ, ପରିଚାରକ ଓ ସୁରକ୍ଷା କର୍ମୀଙ୍କ ସମେତ ୧୧୨ଜଣ କର୍ମଚାରୀ ନିଯୁକ୍ତି ପାଇଁ ଅନୁମୋଦନ ମିଳିଥିଲା। କିନ୍ତୁ ରାଜ୍ୟରେ ସରକାର ବଦଳିବା ପରେ ଉକ୍ତ କ୍ୟାନସର ହସ୍ପିଟାଲ ପଛକୁ ଫେରି ଯାଇଥିଲା। ଏଠାରେ ନିଯୁକ୍ତ କ୍ୟାନସର ବିଶେଷଜ୍ଞଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଥିବାବେଳେ କିଛିଦିନ ଧରି ହସ୍ପିଟାଲରେ ତାଲା ମଧ୍ୟ ଝୁଲିଥିଲା। ଗତ କିଛିମାସ ତଳେ ଏଠାରେ ଜଣେ ଡାକ୍ତର (ଡେଣ୍ଟାଲ)ଙ୍କୁ ଅବସ୍ଥାପିତ କରାଯାଇଛି। ହେଲେ ଅସ୍ତ୍ରୋପଚାର, ବିଭିନ୍ନ ପରୀକ୍ଷା ଏବେ ମଧ୍ୟ ଠିକ୍ ଭାବେ ଉପଲବ୍ଧ ହେଉ ନ ଥିବାବେଳେ ବହୁ ପଦବୀ ଖାଲି ପଡ଼ିଛି ଏବଂ କାମୋଥେରାପିରେ ହିଁ ଏଠାରେ ସ୍ୱାସ୍ଥ୍ୟସେବା ସୀମିତ ରହିଯାଇଛି। ଅନ୍ୟପଟେ ରାଜ୍ୟ ସରକାର ଉକ୍ତ ହସ୍ପିଟାଲକୁ ଏବେ ପିପିପି ମୋଡ୍‌ରେ ଚଳାଇବାକୁ ଯୋଜନା କରୁଥିବାବେଳେ ସଂସଦରେ ସ୍ଥାନୀୟ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ଦେଇଥିବା ଉତ୍ତର ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି। ଏଠାରେ ବିଶେଷଜ୍ଞ ଡାକ୍ତର ନ ଥିବାବେଳେ ଏମ୍‌ପି ପୁରୋହିତଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ଏଠାରେ କ୍ୟାନସର ରୋଗୀଙ୍କ ସ୍କ୍ରିନିଂ ଓ ଚିକିତ୍ସା ପାଇଁ ଇଏନଟି ବିଶେଷଜ୍ଞ, ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ, ସର୍ଜନ ଓ ଆନେସ୍ଥିଓଲୋଜିଷ୍ଟ ନିଯୁକ୍ତ କରାଯାଇଥିବା କହିଥିଲେ। ସେହିପରି ପିପିପି ମୋଡ୍‌ରେ ହସ୍ପିଟାଲ ଚାଲିଲେ କ୍ୟାନସର ରୋଗୀଙ୍କ ଉପରେ ଚିକିତ୍ସା ଖର୍ଚ୍ଚ ବୋଝ ପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଡୁମେରବାହାଲ ସ୍କୁଲର ବାର୍ଷିକ ଉତ୍ସବ, ଶ୍ରେଣୀ ଗୃହ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ପାଇକମାଲ,୧୦।୪(ବଡ ଶତପଥୀ)

ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମେରବାହାଲ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ନବନିର୍ମିତ ନୂତନ ଶ୍ରେଣୀ ଗୃହର ଉଦ୍‌ଘାଟନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନରେ ଚେରେଙ୍ଗାଝାଞ୍ଜ ସିଆରସିସି ଉଗ୍ରସେନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ୨ଜଣ ସିଆରସିସି ବସୁଦେବ କୁମ୍ଭାର ଓ ସନ୍ତୋଷ ମେହେର, ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁ, ନୀଳାଥର ସ୍କୁଲର ପ୍ରଧାନଶିକ୍ଷକ ବିକ୍ରମ କେଶରୀ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ମୁଖ୍ୟ ବକ୍ତା, ପାଇକମାଲ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ ଓ ଧଲେନ୍ଦ୍ର ବାରିକ, ସମାଜସେବୀ ଟାଇଲ ଚନ୍ଦ୍ର ଭୋଇ, ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ, ଚୁହୁରିପଡା ସ୍କୁଲ ପ୍ରଧାନଶିକ୍ଷକ ଦୀନମଣି ସୁନା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଡୁମରେବାହାଲ ସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାଗ ବାର୍ଷିକ ବିବରଣୀ ପାଠ କରିବା ସହିତ ସ୍କୁଲର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ମୁଖ୍ୟ ଅତିଥି ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କା ଅନୁଦାନରେ ଏଠାରେ ନବ ନିର୍ମିତ ନୂତନ ଶ୍ରେଣୀ ଗୃହକୁ ବିଧାୟିକା ବରିହା ଉଦଘାଟନ କରିଥିଲେ। ପରେ ଏହି ସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା, ଏହାର ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କବି ଶିକ୍ଷକ ସୁଦାମ କନ୍ଧେରଙ୍କ ରଚିତ ସମ୍ବଲପୁରୀ କୋଶଲୀ କବିତା ସଂକଳନ "ମାର୍ଟି କହଁର୍" କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ବାର୍ଷିକ ଉତ୍ସବ ଅବସରରେ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ଜ୍ଞାନ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଭିଭାବକ ଓ ଗ୍ରାମବାସୀ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହକାରୀ ଶିକ୍ଷକ ଡେଜଲିଂ ଦନ୍ତା, ବାବୁଲାଲ ଧରୁଆ, ସୁଦାମ କନ୍ଧେର, ସୌତମ ଛତର, ତପସିନୀ ପାଣ୍ଡେ, କୌଶଲ୍ୟା ପ୍ରଧାନ, ମୌସୁମୀ ପ୍ରଧାନ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପାଇକମାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକୋତ୍ସବ

ପାଇକମାଲ,୧୦।୪(ବଡ ଶତପଥୀ)

ପାଇକମାଲ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଭାପତି ରାମ କୁମାର ଗୁପ୍ତାଙ୍କ ସଭାପତିତ୍ୱରେ ୪ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଏମପି ପ୍ରଦୀପ ପୁରୋହିତ, ମୁଖ୍ୟ ବକ୍ତା ଖଗେଶ୍ୱର ଦାଶ ଓ ସମ୍ମାନିତ ଅତିଥିଭାବେ ଡ. ବାଞ୍ଛାନିଧି ପଣ୍ଡା, ଡ.ଦ୍ୱାଦଶ କୁମାର ସାହୁ ଯୋଗଦେଇଥିଲେ। ସମ୍ପାଦକ ନନ୍ଦଲାଲ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନବୋଦୟ ପରୀକ୍ଷା, ବୃତ୍ତି ପରୀକ୍ଷା, ଆଦର୍ଶ ପ୍ରବେଶିକା ପରୀକ୍ଷା ତଥା ଅନ୍ୟାନ୍ୟ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପରିଚାଳନା ସମିତିର ସଦସ୍ୟ ରାଜେଶ କୁମାର ପଟେଲ, ଓମପ୍ରକାଶ ମେହେର, ଆଶା ସୁପକାର, ତ୍ରିବେଣୀ ରାଉତ, ବରିଷ୍ଠ ଖବରଦାତା ବଡ଼ ଶତପଥୀ, ସୁରଥ ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ଧିରେନ ମହାନ୍ତି, ଦୁଃର୍ଯୋଧନ ପୁଟା, କୁଞ୍ଜବିହାରୀ ସାହୁ, ସଂକୁଳ ସଂଯୋଜକ ଚୈତନ୍ୟ ଭୋଇ, ଘନଶ୍ୟାମ ବନଛୋର, ପପୁ ହୋତା ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଗୁରୁଜୀ ଗୁରୁମା ତଥା ପରିଚାଳନା କମିଟି ସଦସ୍ୟା ସଦସ୍ୟ ପରିଚାଳନାରେ ସହଯୋଗ କରିଥିବା ବେଳେ ଉପସଭାପତି ମିନିକେତନ ବେହେରା ଧନ୍ୟବାଦ ଦେଇଥିଲେ।



ଛାତ୍ରୀମାନେ ଲୋକକଳା ପ୍ରଦର୍ଶନ କରୁଛନ୍ତି।

## ଲୋକକଳାର ପ୍ରଚାର ପ୍ରସାରରେ ସାମିଲ ହେବାକୁ ଆହ୍ୱାନ

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ଓଡ଼ିଶାର ସମୃଦ୍ଧ ଲୋକକଳା ହେଉଛି ଓଡ଼ିଆ ଅସ୍ମିତାର ପରିଚୟ ‘ସାରା ବିଶ୍ୱରେ ଏହା ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଲୋକକଳାର ଗୌରବ ବୃଦ୍ଧି କରିବା ସହ କଳାକାରମାନଙ୍କ ଅସୀମ ଦକ୍ଷତାକୁ ସମ୍ମାନିତ କରିବା ପାଇଁ ଓଡ଼ିଆ ପକ୍ଷ ପାଳନ ଅବସରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ସମେତ ସମସ୍ତ ବ୍ଲକ ମୁଖ୍ୟାଳୟରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିରେ ସ୍ଥାନୀୟ କଳାକାରଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗ ଦେଇ ବରଗଡ଼ ଜିଲ୍ଲାର ସମୃଦ୍ଧ ଲୋକକଳା ତଥା ଦୁଲଦୁଲି, ସଞ୍ଚାର ଓ ଘୁଡକା ନାଚ ପ୍ରଦର୍ଶନ କରିଥିଲେ। ଏହାସହିତ ଅଞ୍ଚଳର ଲୋକକଳାର ପ୍ରଚାର ଓ ପ୍ରସାରରେ ଅବଦାନ ଥିବା ଜିଲ୍ଲାର ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଭାସୀ ମାଧ୍ୟମରେ ଯୋଡି ହୋଇ ଓଡ଼ିଶାର ପ୍ରମୁଖ ଲୋକକଳା ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ସଞ୍ଚାର କଳାର ସଂରକ୍ଷଣ ତଥା ପ୍ରଚାର ପ୍ରସାର କରିଥିବା ଜିଲ୍ଲାର ୫ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଲୋକକଳା କ୍ଷେତ୍ରରେ ବରଗଡ଼ ଜିଲ୍ଲା ଓଡ଼ିଶା ତଥା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ କରିପାରିଛି। ବରଗଡ଼ ଧନୁଯାତ୍ରା ମୋହତ୍ସବ ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ପରିଚିତ। ଏହି ମାଟିର ସମସ୍ତ କଳାକାରଙ୍କ ପରିଶ୍ରମ ଏବଂ ନିଷ୍ଠା ହିଁ ଆମ ଜିଲ୍ଲାର କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି । ତେଣୁ ସମସ୍ତେ ଆମ ସମୃଦ୍ଧ ଲୋକକଳା ନେଇ ମନରେ ଗର୍ବ ଅନୁଭବ କରିବା ସହ ଆଗାମୀ ଦିନରେ ଲୋକକଳାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରି ଲୋକକଳାର ପ୍ରଚାର ଓ ପ୍ରସାରରେ ସାମିଲ ହେବାକୁ ସେ ଆହ୍ୱାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲାଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଏବଂ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସଂକୀର୍ତ୍ତନ ପରିବେଷଣ

ପଦ୍ମପୁର,୧୦।୪ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଚାଲିଥିବା ‘ଓଡ଼ିଆ ପକ୍ଷ’ ପାଳନ ଅବସରରେ ଏକ ନିଆରା କାର୍ଯ୍ୟକ୍ରମ ‘ଲୋକକଳା ପାଇଁ ଦିନଟିଏ’ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଆମ ମାଟିର ପାରମ୍ପରିକ ଲୋକକଳା ସଂକୀର୍ତ୍ତନର ସ୍ୱର ଗୁଞ୍ଜରିତ ହୋଇଥିଲା। ଏହି ଅବସରରେ ଅଧ୍ୟାପକ ଓ ଛାତ୍ରମାନେ ପାରମ୍ପରିକ ପୋଷାକ ପରିଧାନ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ଡ. ସରୋଜ କୁମାର ନାଏକ, ପ୍ରଦୀପ କୁମାର ପଣ୍ଡା ଓ ବିପିନ ପାଇକଙ୍କ ସୁମଧୁର କଣ୍ଠରେ ହରିନାମ ସଂକୀର୍ତ୍ତନ ପରିବେଷିତ ହୋଇଥିବା ବେଳେ ଛାତ୍ର ଜଗନ୍ନାଥ ଠାକୁରଙ୍କ ବାଦ୍ୟର ତାଳେ ତାଳେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ ଓ ଛାତ୍ର କିରଣ କୁମାର ବାଗ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଲୋକକଳାର ଏହି ମହାକୁମ୍ଭ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଶେଷରେ ସମସ୍ତେ ପ୍ରସାଦ ସେବନ କରି ପାରମ୍ପରିକ ରୀତିରେ ଏହିଦିନଟିକୁ ସ୍ମରଣୀୟ କରିଥିଲେ।

## ବିକାଶରେ ବିଦାୟ ସମ୍ବର୍ଦ୍ଧନା ସମାରୋହ




ବିଦାୟ ସମ୍ବର୍ଦ୍ଧନା ସମାରୋହରେ ଛାତ୍ରୀଛାତ୍ରଙ୍କ ଗହଣରେ ବିକାଶ କର୍ତ୍ତୃପକ୍ଷ।

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ ଶୁକ୍ରବାର ବିବିଏ ଏବଂ ବିସିଏର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ (ହସ୍ତା ଲା ଭିଷ୍ଟା) ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚୁଶନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଠିନ, ପରିଶ୍ରମ, ନିଷ୍ଠା ଓ କାର୍ଯ୍ୟ କୁଶଳତା ମାଧ୍ୟମରେ ଏକ ସଫଳ ଉଦ୍ୟୋଗୀ ହେବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର, ଡିନ୍ (ଷ୍ଟୁଡ଼େଣ୍ଟ ଆଫେୟାର୍) ଆର.ଏସ.ଭି କ୍ରୀଷ୍ଣା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଥମ, ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଝାରବନ୍ଧ,୧୦।୪(ଦେବେନ୍ଦ୍ର ସାହୁ ):** ଝାରବନ୍ଧ ବ୍ଲକ କୋଟନା ସିନ୍ଧୁଡିପାଠାରେ ତିନି ଦିନ ଧରି ଚାଲିଥିବା ଷୋହଳ ପ୍ରହରୀ ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଡୁମୁରିପାଣି, ବିଳାସପୁର, ଡୁଙ୍ଗୁରିପାଲି, କୁଲାଣ୍ଟି, ସିନ୍ଧୁଡିପା,ଅନଗୁଳ ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞରେ କର୍ତ୍ତା ଭାବରେ ମାନଭଞ୍ଜନ ପ୍ରଧାନ ଓ ତାଙ୍କର ଧର୍ମପତ୍ନୀ ପଙ୍କଜିନୀ ପ୍ରଧାନ କାର୍ଯ୍ୟ ତୁଲାଇଥିବା ବେଳେ ଯଜ୍ଞ ପୁରୋହିତ ଭାବରେ ପଣ୍ଡିତ ଝସକେତନ ନନ୍ଦ, ବୁଧାଦ୍ଦିନ ଦାସ ପଞ୍ଚାନନ ଦାସ ହୋମ ଯଜ୍ଞ ସମ୍ପାଦନ କରିଥିଲେ। ବୁଧବାର ସ୍ଥାନୀୟ ପୋଖରୀରୁ ଶହେ ଆଠ ପୂର୍ଣ୍ଣ କଳସ ଆଣି ଗାଁରେ କଳସ ଶୋଭାଯାତ୍ରା ପରେ ରାଧା କୃଷ୍ଣ ପ୍ରତିମୂର୍ତ୍ତିରେ ସ୍ଥାପନ କରି ନାମ ଉଚ୍ଚାରଣ ଆରମ୍ଭ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପରେ ଦଧିଭାଣ୍ଡ ଭଙ୍ଗା ଯାଇ କଳସ ବିସର୍ଜନ କରାଯାଇଥିଲା। ଏହି ଷୋହଳ ପ୍ରହରୀ ନାମ ଯଜ୍ଞକୁ ଡୁଲରଞ୍ଜନ ପ୍ରଧାନ, ଦିଲ୍ଲୁ ସୁତାର, ସମୀର ସାହୁ, କୁଞ୍ଜବନ ମହାପାତ୍ର, ଗୋବିନ୍ଦ ସାହୁ,ଗୋପାଳ ଭୋଇ, ଗଜପତି ସାହୁ, ଶୁସେନ ନାୟକ, ଦେବେନ୍ଦ୍ର ସାହୁ ପ୍ରମୁଖ ଯଜ୍ଞ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

## ଆଜି ମହିଳା କ୍ରିକେଟ ଖେଳାଳି ଚୟନ

**ବରଗଡ,୧୦।୪(ପ୍ରେମାନନ୍ଦ ଖମାରୀ):** ଓଡ଼ିଶା କ୍ରିକେଟ ଆସୋସିଏଶନପକ୍ଷରୁ ଚଳିତ ମାସ ତୃତୀୟ ସପ୍ତାହରେ ହେବାକୁ ଥିବା ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ପ୍ରତିଯୋଗିତା ପାଇଁ ବରଗଡ ଜିଲ୍ଲା ମହିଳା କ୍ରିକେଟ ଖେଳାଳି ମାନଙ୍କ ଚୟନ ପ୍ରକ୍ରିୟା ଶନିବାର ଅନୁଷ୍ଠିତ ହେବ। ଉକ୍ତ ଦିନ ଖେଳାଳିମାନେ ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ୨ବର୍ଷର ମାର୍କସିଟ, ସ୍କୁଲ ବୋନାଫାଏଡ ସାର୍ଟିଫିକେଟ ଓ ଯେଉଁମାନେ ବାହାର ରାଜ୍ୟ ଖେଳାଳି ହୋଇଥିବେ, ସେମାନେ ଜିଲ୍ଲାରେ ବର୍ଷେ ରହି ସାରିଥିଲେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ, ନିଜ ବାପାଙ୍କ ଚାକିରି ସାର୍ଟିଫିକେଟ, ପାଠ ପଢୁଥିବା ପ୍ରମାଣ ପତ୍ର, ପାସପୋର୍ଟ ଦେଇ ଭାଗ ନେଇ ପାରିବେ। ଯେଉଁ ଖେଳାଳି ଅନ୍ୟ ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳିଥିବେ, ସେ ଏନ୍‌ଓସି ଦେଇ ଏଥିରେ ଯୋଗଦେଇ ପାରିବେ ବୋଲି ଜିଲ୍ଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ଲୁ ଡାଇମଣ୍ଡ, ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍ ବିଜୟୀ

ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)

**ସିଏମ୍ ଟ୍ରଫି ଜୁନିୟର ଫୁଟ୍‌ବଲ**

ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏଶନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ଶୁକ୍ରବାର ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂସଦ ବରଗଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ଅଧ୍ୟକ୍ଷତା ଏବଂ କ୍ରୀଡ଼ା ସଙ୍ଗଠକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ ଜିଲ୍ଲାପାଳ ତଥା କ୍ରୀଡା ସଂସଦ ସଭାପତି ଆଦିତ୍ୟ ଗୋୟଲ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଥମେ କ୍ରୀଡା ସଂଗଠକ ସ୍ୱର୍ଗତ ଲେଙ୍ଗୁ ମିଶ୍ର ଓ ସ୍ୱର୍ଗତ ଧର୍ମରାଜ ପ୍ରସାଦ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ସଂସଦର ମହିଳା ରେଫରୀ ପିଙ୍କି ହଂସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କୁ ମଧ କ୍ରୀଡା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କିଶୋର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ଉତ୍ସବରେ ପ୍ରାକ୍ତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ଆଜୀବନ ସଦସ୍ୟ କିଶୋର ରଥ, ଫାଓ ଉପ ସଭାପତି ରବି ପଣ୍ଡା, କ୍ରୀଡା ସଂସଦ କୋଷାଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ ସମ୍ପାଦକ ସେକ୍ ସବଦର୍, ରମାକାନ୍ତ ଦାଶ, ବିକାଶ ବିଶ୍ୱାଳ, କାଳିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ବରଗଡ ବ୍ଲୁ ଡାଇମଣ୍ଡ କ୍ଲବ ପ୍ରତିପକ୍ଷ ଲେଣ୍ଡା ଫୁଟବଲ୍ ଦଳକୁ ୩-୦ ଗୋଲରେ ହରାଇଥିଲା। ଏହି ମ୍ୟାଚକୁ ରାଜେନ୍ଦ୍ର ଭୁଏ ପରିଚାଳନା କରିଥିବା ବେଳେ ଝସକେତନ ସାହୁ ଓ ଉମାକାନ୍ତ ସାହୁ ଲାଇନରେ ସହଯୋଗ କରିଥିଲେ । ପଞ୍ଚାନନ ପାତ୍ର ଚତୁର୍ଥ ରେଫରୀ ଥିଲେ। ବରଗଡ ୟୁନିଆଟେଡ୍ ସ୍ପୋର୍ଟସ କ୍ଲବ ଓ ବରଗଡ ସୁପର୍ ଜିମ୍ନାସିୟମ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ପ୍ରତିପକ୍ଷ ଦଳକୁ ୭-୦ ଗୋଲରେ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌କୁ ଶୁଭମ୍ ପାତ୍ର ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁର ଓ ଅଜୟ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ପିଙ୍କି ହଂସ ଚତୁର୍ଥ ରେଫାରୀ ଥିଲେ। ସୁରେଶ ଦାଶ ରେଫରୀ ଇନ୍‌ଚାର୍ଜ ଦାୟିତ୍ୱ ନିର୍ବାହ କରିଥିଲେ।



ଉଦଘାଟନୀ ଉତ୍ସବରେ ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

## ସାମାଜିକ ସୁସ୍ଥତା ପାଇଁ ନାଟକ ସାହିତ୍ୟ ଅନିବାର୍ଯ୍ୟ

ପଦ୍ମପୁର,୧୦।୪(ପ୍ରଦୀପ୍ତ ଦାଶ)

**ଭେଉଁରିଆରେ ୨ଦିନିଆ ସିରଜିନା ମହୋତ୍ସବ**

ନାଟକ ଓ ସାହିତ୍ୟ ମଣିଷ ମନକୁ ଗଭୀର ଭାବେ ପ୍ରଭାବିତ କରିଥାଏ । ଫଳରେ ସାମାଜିକ ସୁସ୍ଥତା ପାଇଁ ଏହି ଧାରା ଅନିବାର୍ଯ୍ୟ ଅଟେ ବୋଲି ବରଗଡ ଜିଲ୍ଲା ପଦ୍ମପୁର ନିକଟସ୍ଥ କଳାଗ୍ରାମ ଭେଉଁରିଆଠାରେ ଅନୁଷ୍ଠିତ ୩୨ତମ ସିରଜିନା ମହୋତ୍ସବରେ ମତ ପ୍ରକାଶ ପାଇଛି । ଅଗ୍ରଣୀ ଅନୁଷ୍ଠାନ ସିରଜିନା ସାହିତ୍ୟ ଓ ସଂସ୍କୃତି ପଦ୍ମପୁର ପକ୍ଷରୁ ୩୨ତମ ସିରଜିନା ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କବି, କଳାକାର, ସାହିତ୍ୟିକମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଆୟୋଜକ ରାଜେନ୍ଦ୍ର ମହାନ୍ତିଙ୍କ ପରିଚାଳନାରେ ବ୍ୟଙ୍ଗକବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଜୟକୁମାର ସାହୁ, ଉପସଭାପତି ଆନନ୍ଦ ବେହେରା ଏବଂ ଅବସର ଶିକ୍ଷକ କୋକିଳ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଏହାପରେ ଖଇରପାଲି ଉଚ୍ଚ ବିଦ୍ୟାଳୟ ଅତାବିରାର ନାଟକ ‘ବଉଁଶ ବୁଡା’, ଚର୍ଦାପାଲି ଉଚ୍ଚ ବିଦ୍ୟାଳୟର ‘ଯାର ଧାନକେ ତାର ମୁରହି’ ଖୁଜେନ ପ୍ରାଥମିକ ବିଦ୍ୟାଳୟର ‘ଧର୍ମ ପଦ’ ନାଟକ ଓ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ନାଟକ ‘ଏକ ନଦୀର କଥା’ ପରିବେଷିତ ହୋଇଥିଲା। ନାଟ୍ୟକାର ରାଜ କୁମାର ସାହୁ ଓ ବିଶ୍ୱନାଥ ସେଠ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବାବୁଲୁ କୁମ୍ଭାର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ଦିନରେ ପ୍ରଥମ ପର୍ଯ୍ୟାୟରେ କବିତା ପାଠକୁ ଉଦ୍‌ଘାଟନ କରିଥିଲେ ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ଅଶୋକ କୁମାର ବହିଦାର। ଅବସର ଶିକ୍ଷକ ଶେଷଦେବ ମେହେରଙ୍କ ପୌରୋହିତ୍ୟ ଓ କବି ତରଣୀ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। କବି ତେଜରୁ ବାରିକ, ଉମେଶ ପ୍ରଧାନ, ବେଣୁଧର ସାହୁ, ସଂଯୁକ୍ତା ସାହୁ, ସ୍ୱର୍ଣ୍ଣକାନ୍ତି ସାହୁ, ତନ୍ମୟ ମିଶ୍ର, ଜୀବନମଣି ମେହେରଙ୍କ ସମେତ ବହୁ ସଂଖ୍ୟାରେ କବିମାନେ କବିତା ପାଠ କରିଥିଲେ। ସଂସଦର ସଭାପତି ଆଦିତ୍ୟ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଧ୍ୟା ଅଧିବେଶନରେ ବିଶିଷ୍ଟ ସାମାଜିକ କର୍ମୀ ତଥା ଖବରଦାତା ପରମାନନ୍ଦ ମିଶ୍ର ମୁଖ୍ୟ ଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତବର୍ଷ ବିଶିଷ୍ଟ ଲେଖକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କୁ ଅନୁଷ୍ଠାନର ମର୍ଯ୍ୟାଦାଜନକ ‘ସିରଜିନା ସମ୍ମାନ’ ପ୍ରଦାନ କରାଯାଇଥିଲା। ଏହାସହିତ କବିତା ପାଇଁ ଗୁଣ ସାଗର ସାହୁ, ଗଳ୍ପରେ ନରେନ୍ଦ୍ର ମହାନ୍ତି, ପ୍ରବନ୍ଧରେ ପ୍ରଫୁଲ୍ଲ ପାଣିଗ୍ରାହୀ, ଅଭିନୟରେ ସୁବ୍ରତ ପଟ୍ଟନାୟକ ଓ ମାନସ ସାହୁ, ସୁରେଶ ଚୌହାନଙ୍କୁ ପ୍ରବୃଦ୍ଧ ସମ୍ମାନ, ନୂଆ ମୁହଁ ସମ୍ମାନରେ ସଦାନନ୍ଦ ମେହେର, ଶିକ୍ଷାସମ୍ମାନ ପଣ୍ଟୁ ପ୍ରଧାନ, ଭକ୍ତି ସମ୍ମାନ ରମେଶ ଦାଶ, ସାହିତ୍ୟ ସେବାରେ ଗୌରାଙ୍ଗ ପାଣ୍ଡେ, ଶ୍ରେଷ୍ଠ ସାହିତ୍ୟ ସଂସ୍କୃତି ଅନୁଷ୍ଠାନରେ ଦହନା ସାହିତ୍ୟ ଅନୁଷ୍ଠାନ କଟାପାଲି, ଦହିତା ରାମଲୀଳା ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଶିବ ସୁନା, ଶୁଭମ ଘିବେଲା, ବଟକୃଷ୍ଣ ସାହୁ, ଝସ କେତନ ମେହେର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ନାଟ୍ୟକାର ଦୈତାରୀ ବିଶାଳ, ଶ୍ରେଷ୍ଠ ନିର୍ଦ୍ଦେଶକ ବିଦେଶୀ ସାହୁ, ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉପ ସଭାପତି ଆନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବ୍ୟାଙ୍କରେ ଟଙ୍କା ଉଠାଣ ବେଳେ ହୃଦଘାତରେ ଜୀବନ ଗଲା

**ରାଉରକେଲା,୧୦।୪(ସଙ୍ଗୀତା ଜେନା)**

ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ଷ୍ଟେଟବ୍ୟାଙ୍କରେ ଶୁକ୍ରବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଜଣେ ପ୍ରାକ୍ତନ ଆରଏସ୍‌ପି କର୍ମଚାରୀ ଟଙ୍କା ଉଠାଣ କରୁଥିବାବେଳେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ ସେକ୍ଟର-୨୦ର କାଶୀନାଥ ପାଢ଼ୀ(୭୩)। ଖବର ଲେଖାହେବା (ରାତି ୯ଟା) ସୁଦ୍ଧା ଏ ନେଇ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। କାଶୀନାଥ କିଛିଦିନରୁ ହୃଦରୋଗରେ ପୀଡ଼ିତ ହୋଇ ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିଲେ। ପ୍ରାୟ ୧୫ ଦିନ ତଳେ ସେ ସେ ଡାକ୍ତରଖାନାରୁ ଘରକୁ ଫେରିଥିଲେ। ଉକ୍ତ ବ୍ୟାଙ୍କକୁ ଟଙ୍କା ଉଠାଣ କରିବାକୁ ଯାଇଥିବା ବେଳେ ଅସୁସ୍ଥ ହୋଇ ସେ ଚେତା ହରାଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କ୍ଷତିପୂରଣ ଦାବିରେ ଏନ୍‌ଏଚ୍ ଅବରୋଧ

## ଦୁର୍ଘଟଣାରେ ନର୍ସିଂ ଛାତ୍ରୀ ମୃତ୍ୟୁ ମାମଲା

**ରାଉରକେଲା, ୧୦।୪(ସଙ୍ଗୀତା ଜେନା)**

ରଘୁନାଥପାଲୀ ଥାନା ଅନ୍ତର୍ଗତ ପାନପୋଷ ରୁପୁଟୋଲା ବାଲୁଘାଟ ସ୍ଥିତ ଜାତୀୟ ରାଜପଥ ନଂ-୧୪୩ରେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ଦୁର୍ଘଟଣାରେ ନର୍ସିଂ ଛାତ୍ରୀ ସବିନା ସୁରୀନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ଫ୍ଲାଏଓଭର ତଥା ପୋଲିସ ବିଟ୍‌ହାଉସ ନିର୍ମାଣ ଦାବିରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ଏନ୍‌ଏଚ୍ ଅବରୋଧ କରିଥିଲେ। ଫଳରେ ଏନ୍‌ଏଚ୍‌ର ଉଭୟ ପାର୍ଶ୍ୱରେ ଶତାଧିକ ଭାରିଯାନ ଅଟକି ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। ଘଟଣାସ୍ଥଳରେ ପାନପୋଷ ଏସ୍‌ଡିପିଓ ସୁଶାନ୍ତ ଦାସ, ଥାନାଧିକାରୀ ସୁରଜ ଝାଙ୍କର, ତଦନ୍ତକାରୀ ଅଧିକାରୀ ସୁଚିତ୍ରା ସେଠୀଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ରାସ୍ତା ଅବରୋଧ ହଟି ନ ଥିଲା। ଏ ସମ୍ପର୍କରେ ଏସ୍‌ଡ଼ିପିଓ ଦାସଙ୍କୁ ପଚାରିବାରୁ ସେ କହିଲେ, ଛାତ୍ରୀଙ୍କ ମୃତ୍ୟୁ ଯୋଗୁ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରାଯାଇଛି। ତେବେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସମାଧାନ ରାସ୍ତା ବାହାର କରାଯିବ ବୋଲି ସେ କହିଥିଲେ।


ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ସବିନା ଛେଣ୍ଡର ଏକ ନର୍ସିଂ କଲେଜରେ ପାଠ ପଢ଼ୁଥିଲେ। ଗୁରୁବାର ଅପରାହ୍ନ ୪ଟାରେ ସେ କଲେଜରୁ ଫେରି ବାଲୁଘାଟ ରୁପୁଟୋଲା (ଏନ୍‌ଏଚ୍-୧୪୩)ରେ ଅନ୍ୟ ୨ଜଣ ଯୁବତୀଙ୍କ ସହ ଛିଡା ହୋଇଥିଲେ। ଏହି ସମୟରେ ପାନପୋଷ ପାର୍ଶ୍ୱରୁ ଏକ କାର୍ (ନଂ.ଜେଏଚ୍୦୧ବିକ୍ୟୁ/୬୧୬୩) ଦ୍ରୁତଗତିରେ ଆସି ଏକ ଫଳ ଦୋକାନୀଙ୍କ ସହ ସବିନାଙ୍କୁ ଧକ୍କା ଦେଇଥିଲା। ଏହାପରେ କାର୍‌ଟି ଏକ ଡମ୍ଫରକୁ ଧକ୍କାଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି କାର୍ ଚାଳକଙ୍କ ସମେତ ୪ ଆହତଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସବିନାଙ୍କ ମୃତ୍ୟୁ ହୋଇଥିଲା। ରାସ୍ତା ଅବରୋଧ କରିଥିବା ମୃତାଙ୍କ ପରିଜନଙ୍କ କହିବା ଅନୁଯାୟୀ, ସବିନାଙ୍କ ମା' ପକ୍ଷାଘାତ ରୋଗୀ ଏବଂ ତାଙ୍କ ସାନଭାଇ ଅଛନ୍ତି। ଘରର ସମସ୍ତ ଦାୟିତ୍ୱ ସବିନାଙ୍କ ଉପରେ ଥିଲା। ତାଙ୍କର ଅକାଳ ବିୟୋଗ ଯୋଗୁ ପରିବାର ଭାଙ୍ଗି ପଡ଼ିଛି। ସେହିପରି ଏହି ଏନ୍‌ଏଚ୍‌ରେ ବାରମ୍ବାର ଦୁର୍ଘଟଣା ହେଉଛି। ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍ ଉପରେ ଏକ ଫ୍ଲାଏଓଭର ନିର୍ମାଣ ସହ ଟ୍ରାଫିକ୍ ପରିଚାଳନା ପାଇଁ ଯାନବାହନ ଚାଳକଙ୍କୁ ଯାଞ୍ଚ କରାଯାଉ ଏବଂ ପରିବାରବର୍ଗଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ।

# ନଦୀଟୋଲା-ବେଦବ୍ୟାସ ରାସ୍ତା ମରଣଯନ୍ତା


ନଦୀଟୋଲା-ବେଦବ୍ୟାସ ରାସ୍ତା ଖାଲଖମା ହୋଇପଡିଛି।

**ରାଉରକେଲା,୧୦।୪(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ନଦୀଟୋଲା ବସ୍ତିରୁ ବେଦବ୍ୟାସକୁ ଯାଇଥିବା ୩କି.ମି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି। ରାସ୍ତା ମରାମତି ପାଇଁ ଆର୍‌ଏମ୍‌ସିରେ ଦାବି କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ପ୍ରକାଶ ଥାଉକି, ୨୦୨୧-୨୨ ଆର୍ଥିକ ବର୍ଷରେ ଆରଏମସି ପକ୍ଷରୁ ନଦୀଟୋଲା-ବେଦବ୍ୟାସ ରାସ୍ତାର କଂକ୍ରିଟକରଣ କରାଯାଇଥିଲା। ତେବେ ରାସ୍ତା ନିର୍ମାଣ ହେବାର ୩ବର୍ଷ ନ ପୂରୁଣୁ ରାସ୍ତା ଉପରୁ ଗେଟି, ବାଲି, ସିମେଣ୍ଟ ଉଠିଯାଇ ରାସ୍ତାଟି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଲା। ଫଳରେ ଏହି ରାସ୍ତା ଦେଇ ବେଦବ୍ୟାସ ପୀଠ ତଥା ବିଭିନ୍ନ ସ୍କୁଲ କଲେଜକୁ ଯାଉଥିବା ନଦୀଟେଲା ଏବଂ ସିଂହଟୋଲର ଲୋକ ଓ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଲୋକମାନେ ଆର୍‌ଏମ୍‌ସି ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ରାସ୍ତା ମରାମତି କରାଯାଉନାହିଁ। ତୁରନ୍ତ ରାସ୍ତା ମରାମତି ନ ହେଲେ ଆର୍‌ଏମ୍‌ସି ଅଫିସ ଆଗରେ ଧାରଣା ଦିଆଯିବ ବୋଲି ସ୍ଥାନୀୟ ଅଞ୍ଚଳର ବିନୋଦ କୁମାର ତ୍ରିପାଠୀ, ବିନୋଦ ବିହାରୀ ମିଶ୍ର, ଗୋପବନ୍ଧୁ ମିଶ୍ର, ବ୍ରହ୍ମାନନ୍ଦ ମିଶ୍ର, ହେମନ୍ତ କୁମାର ମାଇତି, ଅକ୍ଷୟ କୁମାର ବେହେରା, ଚନ୍ଦନ କୁମାର ବେହେରା, ପ୍ରଦୀପ୍ତ ପାଣ୍ଡେ ଏବଂ ବିଜୟ କୁମାର ସିଂହ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ସେ କହିଲେ, ନଦୀଟୋଲା-ବେଦବ୍ୟାସ ରାସ୍ତା ମରାମତି ପାଇଁ ମୋ ପାଖରେ କେହି ଅଭିଯୋଗ କରିନାହାନ୍ତି। ପୂର୍ବ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରାଯାଇଥିବ। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଗ୍ରହଣୀୟ, ରାସ୍ତା ନିରୀକ୍ଷଣ କରାଯାଇ ତୁରନ୍ତ ଉନ୍ନତୀକରଣ କରାଯିବ ବୋଲି ସେ କହିଥିଲେ।

# ୟୁଏମ୍‌ଏମ୍‌ସିଆଣ୍ଡଏଚ୍‌ରେ ବିଶ୍ୱ ହୋମିଓପାଥି ଦିବସ

**ରାଉରକେଲା,୧୦।୪(ସଙ୍ଗୀତା ଜେନା)**

ଓଡ଼ିଶା ଜାତୀୟ ଆୟୁଷ ମିଶନ୍ ପକ୍ଷରୁ ସେକ୍ଟର-୨୧ ଉତ୍କଳମଣି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ୟୁଏମ୍‌ଏମ୍ ସି ଆଣ୍ଡଏଚ୍)ରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଶ୍ୱ ହୋମିଓପାଥିକ ଦିବସ ପାଳିତ ହୋଇଯାଇଛି। ଡା. ସାମୁଏଲ ହାନିମ୍ୟାନଙ୍କ ୨୭୧ତମ ଜନ୍ମ ଜୟନ୍ତୀ ଭାବେ ଏହା ପାଳନ କରାଯାଇଛି। ଏଥିରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହୋମିଓପାଥି ଚିକିତ୍ସାର ସୁଦୂରପ୍ରସାରୀ ଲାଭ ସମ୍ପର୍କରେ ଆଲୋଚନା କରିଥିଲେ। ଡା. ଶୁଭାଶିଷ ସେଠୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଡା. ଅଜୟ ବିଶ୍ୱାଳ ମୁଖ୍ୟବକ୍ତା, ଡା. ମୋନାଲିସା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଡା. ସାମୁଏଲ ହାନିମ୍ୟାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଉସ ସର୍ଜନ, ଛାତ୍ର ମଙ୍ଗଳ ସମିତି ଓ ଛାତ୍ରୀଛାତ୍ରମାନେ ସେବାରେ ନିଜକୁ ସମର୍ପିତ କରିବା ପାଇଁ ଶପଥ ପାଠ କରିଥିଲେ।


ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଉପକୃତ ହେବେ ୩୭ ସ୍କୁଲର ୧୭୫୮ ଛାତ୍ରୀଛାତ୍ର


ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ ଅଧିକାରୀଗଣ।

**ରାଉରକେଲା,୧୦।୪(ବିପ୍ଲବ ରଞ୍ଜନ ଦାଶ)**

## ଆର୍‌ଏସ୍‌ପିର ଦୁଗ୍ଧ ଉପହାର ଯୋଜନା

ଆର୍‌ଏସ୍‌ପି ଗୁଜୁରାଟର ଆନନ୍ଦସ୍ଥିତ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନ୍‌ଡ଼ିଡ଼ିବି) ନ୍ୟୁଟ୍ରିଶନ ଏବଂ ଜିଲା ପ୍ରଶାସନ ସହିତ ଏକ ବୁଝାମଣାପତ୍ରର ନବୀକରଣ କରିଛି। ଏହା ଦ୍ୱାରା ପ୍ରମୁଖ ସିଏସ୍‌ଆର ପ୍ରୟାସ 'ଦୁଗ୍ଧ ଉପହାର' କାର୍ଯ୍ୟକ୍ରମ ଅଧୀନରେ ବିଶ୍ରା ଓ କୁଆଁରମୁଣ୍ଡା ବ୍ଲକ ଏବଂ ରାଉରକେଲା ମହାନଗର ନିଗମ ଅଧୀନ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ପୁଷ୍ଟିକର ପାଶ୍ଚରାଇଜ୍‌ଡ ଫର୍ଟିଫାଏଡ୍ ସ୍ୱାଦଯୁକ୍ତ ପ୍ୟାକେଜ୍ଡ କ୍ଷୀର ଯୋଗାଇ ଦିଆଯିବ। ଏହି ବୁଝାମଣାପତ୍ର ମାର୍ଚ୍ଚ ୩୦ ତାରିଖରେ ସ୍ୱାକ୍ଷର ହୋଇଥିଲାବେଳେ ଆର୍‌ଏସ୍‌ପି ପକ୍ଷରୁ ଟିଏ ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି. କାନେକର ଏବଂ ଏନ୍‌ଡ଼ିଡ଼ିବି ପକ୍ଷରୁ ଏନ୍‌ଡ଼ିଡ଼ିବି-କୋଲକାତାର ମ୍ୟାନେଜର ସୁଶ୍ରୀ ସେଲି ଟୋପନୋ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ୍ ବିଭାବାସୁ ମଲ୍ଲିକ, ଡିଜିଏମ ଟି. ବି. ଟପ୍ପୋ, ଡିଜିଏମ ପି. ସାହୁ, ଏଜିଏମ୍ ବି. ଜେନା, ଡେପୁଟି ମ୍ୟାନେଜର ଏସ୍. ଶୁକୁଲାଙ୍କ ସହ ସିଏସଆର ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ସ୍ଥିତ ଏନ୍‌ଡିଡିବିର ନୋଡାଲ ଅଧିକାରୀ ଅଭିଷେକ ଔନ୍ଦ ମଧ ଯୋଗ ଦେଇଥିଲେ। ଏହି ବୁଝାମଣାପତ୍ର ମାର୍ଚ୍ଚ ୩୧ରେ ଶେଷ ହେବା ପୂର୍ବ ବୁଝାମଣାପତ୍ର ପଦକ୍ଷେପକୁ ଜାରି ରଖିବ। ନୂତନ ବୁଝାମଣାପତ୍ର ୨୦୨୬ ଏପ୍ରିଲ ୧ରୁ ୨୦୨୭ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାର ବାର୍ଷିକ ବଜେଟ୍ ୪୨.୪୮ ଲକ୍ଷ ଟଙ୍କା। ଏହି କାର୍ଯ୍ୟକ୍ରମ ଦ୍ୱାରା ୩୭ଟି ବିଦ୍ୟାଳୟର ୧୭୫୮ ଜଣ ଛାତ୍ରୀଛାତ୍ର ଉପକୃତ ହେବେ।

ଉଲ୍ଲେଖନୀୟ, ଏହି ସିଏସ୍‌ଆର ପଦକ୍ଷେପର ଅଂଶସ୍ୱରୂପ ବିଦ୍ୟାଳୟ ପରିସରରେ ସମସ୍ତ କାର୍ଯ୍ୟ ଦିବସରେ ପ୍ରତ୍ୟେକ ପିଲାଙ୍କୁ ୨୦୦ ମି.ଲି. ଫର୍ଟିଫାଇଡ୍ ସ୍ୱାଦଯୁକ୍ତ କ୍ଷୀର ଯୋଗାଇ ଦିଆଯାଉଛି। ଏହି ପଦକ୍ଷେପ କେବଳ ବିଦ୍ୟାଳୟ ଯାଉଥିବା ପିଲାମାନଙ୍କର ସାମଗ୍ରିକ ଅଭିବୃଦ୍ଧି ଏବଂ ବିକାଶକୁ ଗତିଶୀଳ କରିବ ନାହିଁ ବରଂ ପିଲାଙ୍କ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣି ରୋଗ ପ୍ରତିରୋଧକ ଶକ୍ତି ଏବଂ ପୁଷ୍ଟିସାର ବୃଦ୍ଧି କରିବ। ଏହି ଯୋଜନା ବିଦ୍ୟାଳୟ ଉପସ୍ଥାନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି।

# ବନ୍ଦ ଘରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ରାଉରକେଲା,୧୦।୪(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ଏ/୪୨୬ ଇସ୍ପାତ କାରଖାନାର ବନ୍ଦ ଘରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ମୟୂରଭଞ୍ଜ ଅଞ୍ଚଳର କାରୁ ମାଝୀ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଯାଞ୍ଚ ଆରମ୍ଭ କରିଛି। ମୃତକଙ୍କ ଭଉଣୀ ଉତ୍ତରପ୍ରଦେଶରେ ରହୁଥିବା ବେଳେ ସେ କିଛିଦିନ ତଳେ ମାତାପିତାଙ୍କୁ ହରାଇ ଏକାକୀ ଉକ୍ତ ଘରେ ରହୁଥିଲେ। ତେବେ ପଡୋଶୀ ତାଙ୍କୁ କିଛିଦିନ ହେଲା ଦେଖିବାକୁ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଘରୁ ଦୁର୍ଗନ୍ଧ ବାହାରିବା ଯୋଗୁ ପୋଲିସକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ।

# ଗ୍ରୀଷ୍ମ ମୁକାବିଲା ପାଇଁ ଆର୍‌ଜିଏଚ୍‌ରେ ପ୍ରସ୍ତୁତି

**ରାଉରକେଲା,୧୦।୪(ବିପ୍ଲବ ରଞ୍ଜନ ଦାଶ)**

ଇସ୍ପାତ ନଗରୀ, ରାଉରକେଲା ସହରାଞ୍ଚଳ ସହିତ ଏହାର ଆଖପାଖ ଅଞ୍ଚଳରେ ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥାଏ। ମାତ୍ର ଚଳିତବର୍ଷ କାଳବୈଶାଖୀ ଯୋଗୁ ଅଞ୍ଚଳବାସୀଙ୍କୁ ଗ୍ରୀଷ୍ମ ପ୍ରକୋପରୁ ଆଶ୍ୱସ୍ତି ମିଳିଥିବା ବେଳେ ଗୁରୁବାର ତାପମାତ୍ରା ୩୬ ଡିଗ୍ରୀ ସେଲସିଅସ୍ ରେକର୍ଡ ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁସାରେ, ଆଗାମୀ ଦିନଗୁଡିକରେ ତାପମାତ୍ରା ଆହୁରି ବଢ଼ିପାରେ। ଅଞ୍ଚଳରେ ଲୁ ବହିବା ଆଶଙ୍କା ମଧ ରହିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍) ପକ୍ଷରୁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଓ ହସ୍ପିଟାଲ ପ୍ରଶାସନ ପୂର୍ଣ୍ଣ ସଜାଗ ରହିଛି। ଆର୍‌ଜିଏଚ୍‌ରେ ପୂର୍ବରୁ ୮ଟି ବେଡ୍ ଥିବା ହିଟ୍ ଷ୍ଟ୍ରୋକ୍ ୱାର୍ଡକୁ ବୃଦ୍ଧି କରି ଏବର୍ଷ ୨୦ଟି ବେଡ୍ କରାଯାଇଛି। ସମସ୍ତ ୱାର୍ଡରେ ଏସି, କୁଲର ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଏଥିସହ ହିଟ୍ ୱେଭ୍ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଥିବା ବେଳେ ସହରର ୭ଟି ସ୍ଥାନରେ ଓଆର୍‌ଏସ୍ କେନ୍ଦ୍ର ଖୋଲାଯାଇଛି। ଏ ନେଇ ଆର୍‌ଜିଏଚ୍ ଉପ-ଅଧୀକ୍ଷକ ଡା. ପଣ୍ଡିତ ସାହୁ କହିଛନ୍ତି, ହିଟ୍ ଷ୍ଟ୍ରୋକ୍‌କୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆବଶ୍ୟକ ଔଷଧ, ବେଡ୍ ଓ ପାଣି ବ୍ୟବସ୍ଥା କରାଯାଇଛି। ଦିନବେଳା ଘରୁ ନ ବାହାରିବା, ପ୍ରଚୁର ପରିମାଣରେ ପାଣି ପିଇବା ଏବଂ ଲୁ' ପ୍ରତି ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକମାନଙ୍କୁ ସୂଚିତ କରାଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଆର୍‌ଜିଏଚ୍ ତଥ୍ୟ ଅନୁଯାୟୀ, ୨୦୨୨ ଗ୍ରୀଷ୍ମ ସମୟରେ ୧୨୩ ଜଣ ଚିକିତ୍ସାଧୀନ ଥିଲେ। ସେମାନଙ୍କ ମଧ୍ୟରୁ ୧୨୨ ଜଣ ସୁସ୍ଥ ହୋଇଥିଲେ। ୨୦୨୩ରେ ୧୦୭ ଜଣ ଆସିଥିବା ବେଳେ ୯୧ ଜଣ ସୁସ୍ଥ ଓ ୭ ଜଣଙ୍କୁ ଅନ୍ୟତ୍ର ପଠାଯାଇଥିଲା। ୨୦୨୪ରେ ୨୨୭ ଜଣ ଚିକିତ୍ସାଧୀନ ଥିବାବେଳେ ୧୯୯ ଜଣ ସୁସ୍ଥ ହୋଇଥିଲେ ଓ ୨୪ ଜଣଙ୍କୁ ଅନ୍ୟତ୍ର ରେଫର କରାଯାଇଥିଲା। ୨୦୨୫ରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଚିକିତ୍ସା ଦିଆଯାଇଥିବାବେଳେ ୭ ଜଣ ସୁସ୍ଥ ହୋଇଛନ୍ତି।

# କାର୍ଯ୍ୟକ୍ଷମ ହେଲା ଶବ ବ୍ୟବଚ୍ଛେଦ ଗୃହ

**ରାଉରକେଲା,୧୦।୪(ବିପ୍ଲବ ରଞ୍ଜନ ଦାଶ)**



ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇଛି। ପୂର୍ବରୁ ପାନପୋଷସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହକୁ ଆରଜିଏଚ୍ ପରିସର ଶବାଗାର ନିକଟକୁ ସ୍ଥାନାନ୍ତରଣ କରାଯାଇଛି। ରାଜ୍ୟ ସରକାର ଓ ରାଉରକେଲା ମହାନଗର ନିଗମ ତରଫରୁ ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍। ସେ କହିଛନ୍ତି, ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା କୌଣସି ଅପ୍ରତ୍ୟାଶିତ ମୃତ୍ୟୁ ପରେ ଏହାର କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ଦରକାର ହେଉଥିବା ବେଳେ ତାହା ପାନପୋଷ ଚିକିତ୍ସାଳୟ ନିକଟରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହରେ କରାଯାଉଥିଲା। ବହୁ ବର୍ଷ ଧରି ଏହି ଶବ ବ୍ୟବଚ୍ଛେଦ ଗୃହ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଯାହା ପୂରଣ ହେବା ସହ ଶବ ବ୍ୟବଚ୍ଛେଦ ଗୃହ ଆରଜିଏଚ୍ ପରିସରକୁ ସ୍ଥାନାନ୍ତର ହୋଇଛି ବୋଲି ସେ କହିଥିଲେ।

# ବିଶ୍ୱ ସତ୍‌ସଙ୍ଗ ସେବା ଦିବସ ପାଳିତ

**ରାଉରକେଲା,୧୦।୪(ଦିନେଶ ମିଶ୍ର)**

ରାଉରକେଲା ହନୁମାନ ବାଟିକା ପରିସରରେ ଶୁକ୍ରବାର ଶ୍ରୀଯୋଗ ବେଦାନ୍ତ ସେବା ସମିତି ରାଉରକେଲା ପକ୍ଷରୁ ସନ୍ଥ ଶ୍ରୀ ଆଶାରାମ ବାପୁଙ୍କ ୮୭ତମ ଜନ୍ମ ଦିବସ ଓ ବିଶ୍ୱସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହନୁମାନ ବାଟିକା ସତ୍‌ସଙ୍ଗ ଭବନ ପରିସରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଦହିପଣା ଓ ମିଠା ବିତରଣ କରିଥିଲେ। ପରେ ବହୁସଂଖ୍ୟାରେ ସାଧିକା ସାଧକମାନେ ହୋମଯଜ୍ଞରେ ଉପସ୍ଥିତ ରହି ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ବାପୁଜୀଙ୍କ ଜନ୍ମ ଦିବସକୁ ବିଶ୍ୱ ସେବା ଦିବସ ଭାବେ ପାଳନ ଲାଗି ସମସ୍ତ ଉପସ୍ଥିତ ଶ୍ରଦ୍ଧାଳୁ ଶପଥ ପାଠ କରିଥିଲେ। ରାମେଶ୍ୱର ଦାଶ, ବିଶ୍ୱଜିତ ସରକାର, ସମୀର ପଟ୍ଟନାୟକ, ବନାରସୀ ପ୍ରସାଦ, ଦେବଜିତ ଶତପଥୀ, ନବୀନ ଜୟଧର ପ୍ରମୁଖ ଉପସ୍ଥିତ ଥିଲେ।




# ଆର୍‌ଏସ୍‌ପି ଠିକା କର୍ମଚାରୀ ପୁରସ୍କୃତ

**ରାଉରକେଲା,୧୦।୪(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅନ୍ତର୍ଗତ ନୂତନ ପ୍ଲେଟ୍ ମିଲ୍ (ଏନ୍‌ପିଏମ୍) ବିଭାଗର ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ୨୫ ଜଣ ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଇଛି। ଏହି ପୁରସ୍କାରକୁ ଏନପିଏମ ଏବଂ ଡିଜିଟାଲାଇଜେଶନ ବିଭାଗର ସିଜିଏମ ଆର୍ କେ. ମୁଦୁଲି ପ୍ରଦାନ କରିଥିଲେ। ଏହି ଅବସରରେ ଏନ୍‌ପିଏମ୍ ବିଭାଗର ଜିଏମ ନୀଳମଣି ମହାପାତ୍ରଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀ, ଏଚଆର-ସିଏଲସି ବିଭାଗର ପ୍ରତିନିଧି, ସମ୍ପୃକ୍ତ ଠିକାଦାର ଏବଂ ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଦୁଲି ପୁରସ୍କୃତ ଠିକାଶ୍ରମିକଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି କାର୍ଯ୍ୟ କାରଖାନା ଏବଂ ବିଭାଗର ଉତ୍ପାଦନ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ କିପରି ସାହାଯ୍ୟ କରିଛି ତା' ଉପରେ ଆଲୋକପାତ କରିଥିଲେ। ଏନ୍‌ପିଏମ ବିଭାଗର ସିନିୟର ମ୍ୟାନେଜର ସିଦ୍ଧାର୍ଥ ପାଲ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଜିଏମ୍ ନୀଳମଣି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପୁରସ୍କୃତ ହୋଇଥିବା ଠିକା ଶ୍ରମିକ।

# ସିଏମ୍ ଟ୍ରଫି: ଯୋଗଦେଲେ ୧୩ ଟିମ୍

**ରାଉରକେଲା,୧୦।୪(ସଙ୍ଗୀତା ଜେନା)**

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ 'ସିଏମ୍ ଟ୍ରଫି' ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ୧୪ ବର୍ଷରୁ କମ୍ ବର୍ଗରେ ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଫୁଟବଲ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ସକାଳ ୭ଟାରେ ଆରମ୍ଭ ହୋଇଛି। ଉକ୍ତ ପ୍ରତିଯୋଗିତା ୧୮ତାରିଖରେ ଶେଷ ହେବ। ଏଥିରେ ରାଉରକେଲା ଏବଂ ଆଖପାଖ ଅଞ୍ଚଳର ୧୦ଟି ବାଳକ ଓ ୩ଟି ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି। ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକଙ୍କ ଅଧ୍ୟକ୍ଷତାରେ ଡିଏସ୍‌ୱାଇଏସ୍ ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ସୁଦୀପ୍ତ ନାଏକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କ୍ରୀଡା ମଶାଲ ପ୍ରଜ୍ୱଳନ କରାଯାଇଥିଲା। ପରେ ଜର୍ସି ଉନ୍ମୋଚନ ହୋଇ କ୍ରୀଡ଼ା ଆରମ୍ଭ କରାଯାଇଥିଲା। ସକାଳେ ୨ଟି ଓ ସନ୍ଧ୍ୟାରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ବାଳକ ବର୍ଗରେ ଗର୍ଜ୍ଜନ ଓ ଝିରପାଣି ମଧ୍ୟରେ ହୋଇଥିଲା। ଏଥିରେ ଗର୍ଜ୍ଜନ ୧-୦ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟସ ଫେଡେରେଶନ ଓ ସେକ୍ଟର-୨୦ ରାଇଜିଂ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ କଳିଙ୍ଗ ସ୍ପୋର୍ଟସ ଦଳ ୧୩-୧ରେ ବିଜୟ ହାସଲ କରିଥିଲା। ଅପରାହ୍ନ ୪ଟାରେ ବାଳିକା ବର୍ଗରେ ଗର୍ଜ୍ଜନ ଓ ପଦ୍ମପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ସେଥିରେ ଗର୍ଜ୍ଜନ ଦଳ ୫-୦ରେ ବିଜୟ ହାସଲ କରିଥିଲା। ଅନ୍ୟତମ ବାଳକ ବର୍ଗରେ ଆର୍‌ଏସ୍‌ପି ଓ ଆଇକନିକ ଟର୍ଫ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଆର୍‌ଏସ୍‌ପି ଦଳ ୪-୨ରେ ବିଜୟ ହାସଲ କରିଥିଲା। ଉକ୍ତ ପ୍ରତିଯୋଗିତାରେ ସିତ ତିର୍କୀ, ରୋଷନ ଖାନ୍, ରାଜକୁମାର ପାଣିଗ୍ରାହୀ, ଗୀତା କିଷାନ ପ୍ରମୁଖ ଅଫିସିଆଲ ଭାବେ ଖେଳ ପରିଚାଳନା କରିଥିଲେ। ସେହିପରି ସିଲେକ୍ଟର ଭାବେ ସଞ୍ଜୟ ବାବୁଟା, ଧନେଶ୍ୱର ତିର୍କୀ, କେଶବ ପ୍ରଧାନ, ବନମାଳି ଜମକିଆର ପ୍ରମୁଖ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି।

**ରକ୍ତଦାନ ଶିବିର: ୨୦ ୟୁନିଟ୍ ସଂଗ୍ରହ**

ରେଢ଼ାଖୋଲ,(ସନ୍ତୋଷ ବଘାର): ଓଡିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ଭୀମ ଭୋଇ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ଼କ୍ରସ, ଏନ୍‌ସିସି ଏବଂ ଜାତୀୟ ସେବା ଯୋଜନା ତରଫରୁ ଏହି ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଅମୂଲ୍ୟ କୃଷ୍ଣ ପାଢ଼ି ଓ କଲେଜର ପ୍ରାଶାସନିକ ପ୍ରଭାରୀ ଅରୁଣ କୁମାର ଶାସନୀ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସମୁଦାୟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ରେଡ଼କ୍ରସ ଅଧିକାରୀ ଅଧାପକ ଅଞ୍ଜନ କୁମାର ମିଶ୍ର, ଏନସିସି ଅଧିକାରୀ ସୁଶାନ୍ତ କେରକେଟା, ଜାତୀୟ ସେବା ଯୋଜନା ଅଧିକାରୀ ଲିବନସ କିଣ୍ଡୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରା



ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜିତ ବାଇକ ଶୋଭାଯାତ୍ରା।

**ସମ୍ବଲପୁର,୧୦।୪(ବି.ଶଙ୍କର)**

ଚଳିତ ବର୍ଷ ଶ୍ରୀହନୁମାନଙ୍କ ଜୟନ୍ତୀକୁ ଅଧିକ ଭବ୍ୟ, ଦିବ୍ୟ ଏବଂ ଆକର୍ଷଣୀୟ କରାଯିବ। ଏହାକୁ ଦୃଷ୍ଟିରେ ରଖି ଶ୍ରୀହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ରାତି ୯ଟାରେ ସମ୍ବଲପୁରରେ ବାଇକ୍ ଶୋଭାଯାତ୍ରା ସମାପନ ହୋଇଯାଇଛି। ସମ୍ବଲପୁର ସହର ସ୍ଥିତ ଗୋବିନ୍ଦତୋଲା ଛକରୁ ସନ୍ଧ୍ୟା ୬ଟାରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ହନୁମାନ ଭକ୍ତଙ୍କ ବାଇକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସମ୍ବଲପୁର ବିଧାୟକ ତଥା ସମିତିର ସଭାପତି ଜୟନାରାୟଣ ମିଶ୍ର ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସମ୍ବଲପୁର ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଉପସଭାପତି ସୁଶାନ୍ତ କୁମାର ପୁରୋହିତ, ରେଙ୍ଗାଲିର ପୂର୍ବତନ ବିଧାୟକ ତଥା ସମ୍ବଲପୁର ଏମପିଙ୍କ ପ୍ରତିନିଧି ନାଉରୀ ନାୟକ ସୁସଜ୍ଜିତ ଗାଡିରେ ସାମିଲ ହୋଇଥିଲେ। ସେହିପରି ଭାଜପା ଯୁବନେତ୍ରୀ ସୁଭଶ୍ରୀ ମିଶ୍ରଙ୍କ ନେତୃତ୍ୱରେ କ୍ଷେତରାଜପୁରରୁ ଦୁଇଟି ବାଇକ ଶୋଭାଯାତ୍ରା ବାହାରି ଜେଲଛକ ନିକଟରେ ସମବେତ ହୋଇଥିଲେ। ସେଠାରେ ହନୁମାନ ଭକ୍ତମାନେ ମୁଖ୍ୟ ଶୋଭାଯାତ୍ରା ସହ ସାମିଲ ହୋଇଥିଲେ। ଭକ୍ତାମାନେ ହନୁମାନ ବେଶରେ ସଜ୍ଜିତ ହୋଇଥିଲେ। ସେହିପରି ମହିଳା ଓ ଯୁବତୀମାନେ ମୁଣ୍ଡରେ ଗୈରିକ ପଗଡି ବାନ୍ଧି ଶ୍ରୀରାମ ଧ୍ୱନୀ ଦେଇଥିଲେ। ହନୁମାନ ଭକ୍ତଙ୍କ ଏହି ବାଇକ୍ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପୁରୁଣା ମ୍ୟୁନିସିପାଲିଟି ଛକକୁ ପହଞ୍ଚିବା ପରେ ଗଙ୍ଗାଧର ମୁକ୍ତ ମଣ୍ଡପଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବାଇକ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏବଂ ଏସ୍‌ପି ମୁକେଶ କୁମାର ଭାମୁ ନେତୃତ୍ୱ ନେଇଥିଲେ। ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ହନୁମାନ ଭକ୍ତଙ୍କ ସମେତ ଦୁର୍ଗା ବାହିନୀର ମହିଳାମାନେ ବାଇକ୍ ଶୋଭାଯାତ୍ରାର ସର୍ବଗ୍ରେ ରହିଥିଲେ। ଏହାସହ ବୁଢ଼ାରଜା, ପୁରୁଣା ବସ୍ତି, ଧନୁପାଲି, ମୁଦିପଡା, ଧନକଉଡା, ସାକ୍ଷୀପଡା ବୁର୍ଲା, ହୀରାକୁଦ, ରେମେଡ, ବରାଇପାଲି, କ୍ଷେତରାଜପୁର, ବଡବଜାର, ଅଇଁଠାପାଲି ପ୍ରଭୃତି ଅଞ୍ଚଳର ହନୁମାନ ଜୟନ୍ତୀ କମିଟି ସମେତ ବଜରଙ୍ଗଦଳ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ଜୟଶ୍ରୀ ରାମ ଧ୍ୱନିରେ ଯାତ୍ରାପଥ କମ୍ପିଲା**

## ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା

**ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)**

■ ସମ୍ବଲପୁରରେ ହନୁମାନ ଜୟନ୍ତୀ ବାଇକ୍ ରାଲି

■ ୨୭ ପ୍ଲାଟୁନ ଫୋର୍ସ ମୁତୟନ

ସମ୍ବଲପୁରରେ ଶୁକ୍ରବାର ହନୁମାନ ଜୟନ୍ତୀ ବାଇକ୍ ରାଲି ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏଥିପାଇଁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଏସ୍‌ପି ଭାମୁ ସୂଚନା ଦେଇ କହିଛନ୍ତି, ରାଲି ପାଇଁ ସ୍ୱତନ୍ତ୍ର ରୁଟ ମ୍ୟାପ ପ୍ରସ୍ତୁତ କରାଯିବା ସହ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହା ବ୍ୟତୀତ ବରଗଡ଼, ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଭଳି ପଡ଼ୋଶୀ ଜିଲାରୁ ମଧ୍ୟ ଅଧିକାରୀମାନେ ଆସି ଏହି ସୁରକ୍ଷା ବ୍ୟବସ୍ଥାରେ ସହଯୋଗ କରୁଛନ୍ତି। ଡ୍ରୋନ କ୍ୟାମେରା ଏବଂ ଏକ ୩୬୦ ଡିଗ୍ରୀ ସିସିଟିଭି କ୍ୟାମେରା ଖଚିତ ସ୍ୱତନ୍ତ୍ର ଗାଡ଼ି ସାହାଯ୍ୟରେ ସମଗ୍ର ରାଲି ଉପରେ ନଜର ରଖାଯାଉଛି। କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ପ୍ରତିଟି ଗତିବିଧିକୁ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ମୋଟ ୨୭ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୫୮ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ଶ୍ରୀମନ୍ତ କୁମାର ବାରିକ୍, ସଦର ଏସ୍‌ଡିପିଓ ତୋଫାନ ବାଗ, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶଙ୍କ ସମେତ ଜିଲାର ଆଇଆଇସି ସମସ୍ତ ଥାନା ଓ ଜିଲା ବାହାରୁ ଆସିଥିବା ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବାଇକ୍ ରାଲି ପୂର୍ବରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ସକାଳେ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ପକ୍ଷରୁ ସନ୍ଦେହପୂର୍ଣ୍ଣ ଘରଗୁଡ଼ିକୁ ସର୍ଚ୍ଚ କରାଯାଇଛି। ବମ ସ୍କ୍ୱାଡ, ଡଗ ସ୍କ୍ୱାଡ, ମେଟାଲ ଡିଟେକ୍ଟର ଓ ଡ୍ରୋନ ଦ୍ୱାରା ସମଗ୍ର ଅଞ୍ଚଳକୁ ପୋଲିସ ସୁରକ୍ଷାକର୍ମୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା।

## କୂଅରେ ପଡ଼ି ଯୁବକ ମୃତ

**ରେଢ଼ାଖୋଲ,୧୦।୪(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ପଥୁରିଆ ଗ୍ରାମର ଦୀପକ ପ୍ରଧାନ (୩୦)ଙ୍କର ଶୁକ୍ରବାର କୂଅରେ ପଡି ମୃତ୍ୟୁ ଘଟିଛି। ଦୀପକ ନିଜ ଘର ବାଡ଼ିପଟେ ଥିବା ଖୋଲା କୂଅରେ ଅସାବଧାନତା ବଶତଃ ପଡିଯାଇଥିଲେ। ତାଙ୍କ ମା' ଖୋଜାଖୋଜି କରି ଗାଁ ଲୋକଙ୍କ ସହାୟତାରେ କୂଅରୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିଲା।

## ଗଛରେ ବାଡ଼େଇହେଲା କାର୍: ଜଣେ ମୃତ, ୨ ଗୁରୁତର



ଦୁର୍ଘଟଣାଗ୍ରସ୍ତ କାର୍।

**କୁଚିଣ୍ଡା,୧୦।୪(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା ମହୁଲପାଲି ଥାନା କୁଚିଣ୍ଡା-ବଣାଇଁ ରାଜ୍ୟ ରାଜପଥର ଲଇଡାଗୁଣା ଛକ ନିକଟ ନୀଳପଡାଠାରେ ଶୁକ୍ରବାର ଭୋର ଦୁର୍ଘଟଣା ଘଟିଛି। ଏକ କାର ଭାରସାମ୍ୟ ହରାଇ ଗଛରେ ବାଡ଼େଇ ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ମହୁଲପାଲି ଥାନା ଜମନକିରା ଗ୍ରାମର ରଜତ କୁମାର ପଟେଲ (୩୧)। ଆହତ ଦ୍ୱୟ ହେଲେ ଉକ୍ତ ଥାନା ଅଧୀନସ୍ଥ ରେଙ୍ଗାଲିର ମଳୟ ନାୟକ ଓ ବଡମୁଣ୍ଡାଲୋଇର କୈଳାସ ସେଠୀ। ଖବରପାଇ ପୋଲିସ ଘଟଣାସ୍ଥଳର ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର ସେମାନଙ୍କୁ ବୁର୍ଲା ଭୀମସାର ମେଡ଼ିକାଲକୁ ସ୍ଥାନାନ୍ତର କରିଛି। ପୋଲିସ ଏନେଇ ମହୁଲପାଲି ଥାନାରେ ଏକ ଦୁର୍ଘଟଣା ମାମଲା (ନଂ.୪୬/୨୦୨୬)ରୁଜୁ କରି ତଦନ୍ତ କରୁଛି। ବୁଧବାର ସନ୍ଧ୍ୟାରେ ରଜତ, ମଳୟ ଓ କୈଳାସ ସାଙ୍ଗ ହୋଇ ଜଗା ଦର୍ଶନ ପାଇଁ କାର ନଂ.ଓଡି ୧୪ଏବି ୬୪୪୮ଯୋଗେ ପୁରୀ ଯାଇଥିଲେ। ଗୁରୁବାର ରାତିରେ ପୁରୀରୁ ସେମାନେ ଘରକୁ ଫେରୁଥିଲେ।

## ଦୁର୍ଗ-ପୁରୀ ଏକ୍ସପ୍ରେସ୍‌ରୁ ଚୋରି: ୨ଗିରଫ

**ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)**

ସମ୍ବଲପୁର ରେଳ ଷ୍ଟେଶନରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଟ୍ରେନରେ ଜଣେ ଯାତ୍ରୀଙ୍କ ସାମଗ୍ରୀ ଚୋରି କରୁଥିବା ୨ ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଭାଟଲାଡ଼ା ଗ୍ରାମର ମନୀଷ ସୁହୁଲା(୧୯) ଏବଂ ପିଣ୍ଟୁ ବେହେରା(୨୩)। ସେମାନଙ୍କ ନିକଟରୁ ଏକ ପର୍ସ, ସେଥିରେ ଥିବା ୧୨ ହଜାର ଟଙ୍କା, ଔଷଧ, ପାନକାର୍ଡ, ଏଟିଏମ, ଏକ ମୋବାଇଲ ଫୋନକୁ ରେଳବାଇ ପୋଲିସ ଜବତ କରିଥିଲା। ପରେ ଉଦ୍ଧାର ଚୋରି ସାମଗ୍ରୀକୁ ଏହାର ମାଲିକ ତଥା ଯାତ୍ରୀଙ୍କୁ ହସ୍ତାନ୍ତର କରା ଯାଇଥିଲା। ଗୁଜରାଟ ବଦୋଦ୍ରାର ଜୟେଶ ଠକ୍କର ନାମକ ବ୍ୟକ୍ତି ପରିବାର ସହିତ ଦୁର୍ଗ-ପୁରୀ ଏକ୍ସପ୍ରେସର ଏ-୧(ଏସି) କୋଚରେ ଯାତ୍ରା କରୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ପର୍ସ ଓ ମୋବାଇଲ ଫୋନ ଆଦିକୁ ଚୋରି କରି ସମ୍ବଲପୁର ରେଳଷ୍ଟେଶନରେ ଫେରାର ହେବାକୁ ଉଦ୍ୟମ କରୁଥିଲେ। ପୋଲିସର ସନ୍ଦେହ ହେବାରୁ ସେମାନଙ୍କୁ ଅଟକ ରଖି ପଚରାଉଚରା କଲା ବେଳେ ସେମାନଙ୍କ ଠାରୁ ଉକ୍ତ ଚୋରି ସାମଗ୍ରୀ ମିଳିଥିଲା। ଅପରପକ୍ଷରେ ଯାତ୍ରୀ ଠକ୍କର ସମ୍ବଲପୁରରେ ରେଳବାଇ ଥାନାରେ ଏତଲା ଦେବା ପରେ ପୋଲିସ ୪୬/୨୦୨୬ରେ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମିନି, ସବ୍ ଜୁନିୟର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ସମ୍ବଲପୁର ଇନ୍‌ଡୋର ହଲରେ ଆୟୋଜିତ ରାଜ୍ୟସ୍ତରୀୟ ମିନି ଓ ସବଜୁନିଅର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୧୦।୪(ବି.ଶଙ୍କର)**

ଓଡିଶା ବ୍ୟାଡ଼ମିଣ୍ଟନ ସଂଘ ଓ ଜିଲା ବ୍ୟାଡ଼ମିଣ୍ଟନ ସଂଘ ସହଯୋଗରେ ରାଜ୍ୟସ୍ତରୀୟ ମିନି ଓ ସବଜୁନିଅର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ସକାଳ ୯ଟାରେ ଉଦ୍‌ଘାଟିତ ହୋଇଛି। ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ବ୍ୟାଡ଼ମିଣ୍ଟନ ହଲଠାରେ ମିନି (୯ବର୍ଷରୁ କମ ଓ ୧୧ ବର୍ଷରୁ କମ) ତଥା ସବଜୁନିଅର (୧୩ ବର୍ଷରୁ କମ) ରେକିଂ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଚଳିତ ମାସ ୧୨ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହେମନ୍ତ କୁମାର ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଏସବିଏ ସାଧାରଣ ସମ୍ପାଦକ ନୀଲୀନ କୁମାର, ଯୁଗ୍ମ ସମ୍ପାଦକ ଜୟ ପ୍ରକାଶ ସିଂ, କୋଷାଧକ୍ଷ ପ୍ରଦୀପ କୁମାର ମହାନ୍ତି, ଟିଓ ଅବଜର୍ଭର( ପର୍ଯ୍ୟବେକ୍ଷକ) ସମୀର କୁମାର ସାହୁ, ସମ୍ବଲପୁର ଜିଲା ବ୍ୟାଡ଼ମିଣ୍ଟନ ସଂଘର ଉପସଭାପତି ବିକ୍ରମ ପ୍ରଧାନ, ପ୍ରବୀଣ ବେହେରା, ଯୁଗ୍ମ ସମ୍ପାଦକ ଅଭିଷେକ ବିଶ୍ୱାସ, ପ୍ରଣବ ବେହେରା, ଜିଲା ବ୍ୟାଡ଼ମିଣ୍ଟନ ସଂଘର କୋଷାଧକ୍ଷ ଓ ଟୁର୍ନାମେଣ୍ଟର ମୁଖ୍ୟ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ ସମ୍ମାନିତ ଅତିଥି ଥିଲେ। ୩ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ରେଙ୍କିଂ ଟୁର୍ନାମେଣ୍ଟରୁ ଓଡିଶା ବ୍ୟାଡ଼ମିଣ୍ଟନ ସଂଘ ଦ୍ୱାରା ଅନୁବନ୍ଧିତ ଅମ୍ପାୟାରମାନେ ପରିଚାଳନା କରୁଛନ୍ତି। ଆଜିର ସଭାର ପରିଚାଳନାରେ ସହଯୋଗ କରିଥିଲେ ଟିକେଶ୍ୱର ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅନନ୍ତ ବେହେରା, ବାବୁଲୁ ପ୍ରଧାନ ଓ ମଣି ବେଜି ।

## ଭିସୁଟ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ସ୍ଥାପତ୍ୟ ବିଭାଗ ପକ୍ଷରୁ ଆୟୋଜିତ 'ସ୍ମାର୍ଟ ଏବଂ ସଷ୍ଟେନେବଲ ଅର୍ବାନିଜିମ' ଶୀର୍ଷକ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାପତ୍ୟ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଅଧକ୍ଷା ଡ ଭାରତୀ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, ଡିନ ହରିଶ କୁମାର ସାହୁ ଏବଂ ସମ୍ମିଳନୀର ଆବାହକ ଅମିତ ଚାଟାର୍ଜୀ ଓ ଶାଶ୍ୱତ ଶେଖର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ନାକଟିଦେଉଳ ପଞ୍ଚାୟତ ସମିତି ବୈଠକ

**ନାକଟିଦେଉଳ,୧୦।୪(ବୈକୁଣ୍ଠନାଥ ସାହୁ)**

ଜନପ୍ରତିନିଧି ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ମିଳିତ ସହଯୋଗ ରହିଲେ ଅଞ୍ଚଳର ବିକାଶ ହୋଇପାରିବ। ତେଣୁ ଉଭୟ ଜନପ୍ରତିନିଧି ଏବଂ ସରକାରୀ ବିଭାଗର ଅଧିକାରୀମାନେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣି ରଖି ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିବାକୁ ବିରୋଧୀ ଦଳର ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରଶନ୍ନ ଆଚାର୍ଯ୍ୟ ଉଭୟ ଜନ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହ ଠାରେ ଶୁକ୍ରବାର ଆୟୋଜିତ ନାକଟିଦେଉଳ ପଞ୍ଚାୟତ ସମିତିର ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଢ଼ାଖୋଲ ବିଧାୟକ ଆଚାର୍ଯ୍ୟ ଏହି ପରାମର୍ଶ ଦେଇଛନ୍ତି। ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଯଶପ୍ରୀତ ଡୁଙ୍ଗଡୁଙ୍ଗ, ଜିଲା ପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ ଏବଂ ସମ୍ବଲପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ନେତ୍ରାନନ୍ଦ ରାଉଳ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ଅଞ୍ଚଳର ରାସ୍ତାଘାଟ, ପାନୀୟଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ସହକାରୀ ଯନ୍ତ୍ରୀ ଆଶୁତୋଷ ରାଉତଙ୍କ ସମେତ ସମସ୍ତ ୧୪ ଟି ଯାକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ବିଧାୟକ ଏବଂ ଅଧିକାରୀଙ୍କ ଉପସ୍ଥିତିରେ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ପାନୀୟ ଜଳ ସମସ୍ୟା ନେଇ ନାକଟିଦେଉଳ ଗ୍ରାମର କିଛି ମହିଳା ସଭାଗୃହ ଭିତରକୁ ଧସେଇ ପଶି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ଅଧ୍ୟାପକଙ୍କୁ କ୍ଲାସ୍ ମନା

**ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଜଣେ ଅଧ୍ୟାପକଙ୍କ ନାମରେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଭଳି ଗୁରୁତର ଅଭିଯୋଗ ଆସିଛି। ଏହି ଘଟଣାରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ସମ୍ପୃକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାରୁ ବିରତ ରହିବାକୁ କୁହାଯାଇଛି। ଅପରପକ୍ଷରେ ସମୁଦାୟ ୫ ଜଣ ଅଭିଯୋଗ ହେବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଶୁକ୍ରବାର ସାମାଜିକ ସଙ୍ଗଠନ ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହିଳା ମହାବିଦ୍ୟାଳୟରେ ଅଧକ୍ଷାଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ଅଧକ୍ଷ ତଥା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କୁ ସାକ୍ଷାତକରି ଅଧକ୍ଷାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଆବାହକ ମହାନ୍ତି ଫୋନ ଯୋଗେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତୁରନ୍ତ ସମ୍ପୃକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାରୁ ବାରଣ କରିବାକୁ ଭାରପ୍ରାପ୍ତ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ଘଟଣାରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସେପଟେ ଏସମ୍ପର୍କରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଭୋଇ କହିଛନ୍ତି, ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଉକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାରୁ ବାରଣ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ସେମାନଙ୍କର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି।

**ଶୂନ୍ୟ ସହନଶୀଳତା ଅବଲମ୍ବନ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ**

# ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

**ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)**



ଚାଷୀ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

■ ସମ୍ବଲପୁରରେ ଧାନ ସଂଗ୍ରହ ଅବ୍ୟବସ୍ଥା

■ ସମୟ ସରିଲେ ବି ବିକ୍ରି ହୋଇପାରୁନି ଖରିଫ ଧାନ

ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଦେଖାଦେଇଥିବା ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ଶେଷ ହୋଇଯାଇଥିଲେ ମଧ୍ୟ ହଜାର ହଜାର ଚାଷୀଙ୍କ ଧାନ ଏବେ ବି ଖଳାରେ ପଡ଼ିରହିଛି। ଆଉ ମାସକ ପରେ ରବି ଧାନ ଅମଳ ସମୟ ପାଖେଇ ଆସୁଥିବା ବେଳେ ଖରିଫ ଧାନ ବିକ୍ରି ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାର ପ୍ରତିବାଦରେ ଶୁକ୍ରବାର ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନର ନେତୃତ୍ୱରେ ଶତାଧିକ ଚାଷୀ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ତାଙ୍କ ପ୍ରକୋଷ୍ଠରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଜିଲାରେ ବହୁ ପରିମାଣର ଧାନ ଏବେ ବି ବିକ୍ରି ନ ହୋଇ ରହିଛି। ସରକାରୀ ସ୍ତରରେ ସମୟସୀମା କିଛି ଦିନ ବୃଦ୍ଧି କରାଯାଇଥିଲେ ହେଁ, ବୈଷୟିକ ତ୍ରୁଟି ଏବଂ ଟୋକନ ସମସ୍ୟା ଯୋଗୁ ପ୍ରକୃତ ଚାଷୀ ମଣ୍ଡିକୁ ଧାନ ନେଇପାରୁ ନାହାନ୍ତି। ଫଳରେ ଚାଷୀଙ୍କ ପାଖରେ ଧାନ ମହଜୁଦ ଥିଲେ ବି ସେମାନେ ଏହାକୁ ବିକ୍ରି କରିବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରି ଧାନ କିଣା ପ୍ରକ୍ରିୟାକୁ ଆଗକୁ ବଢ଼ାଇବାକୁ ଚାଷୀମାନେ ଦାବି କରିଥିଲେ। ଯଦି ବଞ୍ଚିତ ଚାଷୀଙ୍କଠାରୁ ଶୀଘ୍ର ଧାନ ସଂଗ୍ରହ କରା ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କୃଷକ ନେତାମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଏହି ପ୍ରତିବାଦ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

- ବାର୍ଦ୍ଧକ୍ୟରେ ଭିନ୍ନକ୍ଷମ ସ୍ତ୍ରୀ, ପୁଅ ଓ ଝିଅଙ୍କ ବୋଝ
- ଦୁଃଖ ବୁଝିଲେ ଜିଲାପାଳ
- ଏଜିଜେରେ ପକ୍କା ଘର ପାଇଁ ପ୍ରତିଶ୍ରୁତି

ସୋନପୁର,୧୦।୪(ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳ ଡ. ନୃପରାଜ ସାହୁ ଧନୁଙ୍କ ଭଙ୍ଗାକୁଡ଼ିଆ ଘର ଦେଖିବା ସହ ପରିବାର ଦୁଃଖ ବୁଝୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାସ ଯୋଜନା ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖାରୀ ପଞ୍ଚାୟତ ବନ୍ଧପାଲି ଗାଁର ଧନୁ ବରିହା(୭୯)ଙ୍କ ପାଇଁ ଅପହଞ୍ଚ ହୋଇପଡିଛି। ଭଙ୍ଗା କୁଡିଆରେ ସେ ଭିନ୍ନକ୍ଷମ ସ୍ତ୍ରୀ, ଝିଅ ଓ ପୁଅଙ୍କୁ ନେଇ ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗ୍ରାମୀଣ ଯୋଜନା(ଏଜିଜେ)ରେ ଗୃହ ପାଇବା ପାଇଁ ସେ ଯୋଗ୍ୟ ବ୍ୟକ୍ତି ହୋଇଥିଲେ ମଧ୍ୟ ତାଙ୍କୁ ଯୋଜନାରେ ସାମିଲ କରାଯାଇନି। ପଞ୍ଚାୟତର ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଧନୁଙ୍କ ସ୍ତ୍ରୀ ଅକିଆ(୭୨) ରୋଗଗ୍ରସ୍ତ। ସେ ଦୀର୍ଘ ବର୍ଷ ଧରି ପକ୍ଷଘାତ ରୋଗରେ ପୀଡିତ। ଝିଅ ମୀନା(୩୦) ଥାଲାସେମିୟା ରୋଗୀ। ପ୍ରତି ମାସ ତାଙ୍କୁ ରକ୍ତ ନେବାକୁ ପଡୁଛି। ସେହିପରି ପୁଅ ଜୀବର୍ଦ୍ଧନ(୪୫) ଜଣେ ମାନସିକ ଅକ୍ଷମ ବ୍ୟକ୍ତି। ଅକିଆ, ମୀନା ଓ ଜୀବର୍ଦ୍ଧନ ଦୈନିକ ଔଷଧ ଖାଉଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ପରିବାରର ସବୁ ବୋଝ ଧନୁଙ୍କ ଉପରେ। କେନ୍ଦ୍ର ସରକାରଙ୍କ ଅନ୍ତୋଦୟ ଅନ୍ନ ଯୋଜନାରେ ଏହି ଅସହାୟ ପରିବାରକୁ ମାସିକ ୩୫କିଲୋ ଚାଉଳ ମିଳୁଛି। ଧନୁ ଓ ଅକିଆ ମାସିକ ୧୦୦୦ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ପୁଅ ଜୀବର୍ଦ୍ଧନ ମାସିକ ୩୫୦୦ଟଙ୍କା ଓ ଝିଅ ମୀନା ମାସିକ ୧୨୦୦ଟଙ୍କା ଭତ୍ତା ପାଉଛନ୍ତି। ସରକାରଙ୍କ ଚାଉଳ ଓ ଭତ୍ତା ଏହି ପରିବାର ପାଇଁ ବଡ ସାହାରା ପାଲଟିଛି। ତେବେ ଏହି ପରିବାର ପାଇଁ ପକ୍କା ଘର ସାତ ସପନ ସଦୃଶ ହୋଇଛି। ଖବରପାଇ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଶୁକ୍ରବାର ବନ୍ଧପାଲି ଗାଁକୁ ଯାଇ ଧନୁଙ୍କ ପରିବାରର ଦୁଃଖ ବୁଝିଥିଲେ। ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବା ପାଇଁ ଜିଲାପାଳ ଧନୁଙ୍କୁ ପ୍ରତିଶ୍ରୁତି ଦେବା ସହ ପ୍ରଶାସନ ସବୁ ପ୍ରକାର ସହାୟତା ଯୋଗାଇ ଦେବ ବୋଲି କହିଥିଲେ। ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ଖାରୀ ପଞ୍ଚାୟତ ପିଇଓ ଶେଷଦେବ ଧରୁଆ ଧନୁଙ୍କ ଘରକୁ ଯାଇ ଆବଶ୍ୟକ କାଗଜପତ୍ର ଆଣିବା ସହ ସୋନପୁର ବ୍ଲକ କାର୍ଯାଳୟର ଗ୍ରାମୀଣ ଆବାସ ସେକ୍ସନରେ ଜମା ଦେଇଛନ୍ତି। ଖୁବ୍‌ଶୀଘ୍ର ଧନୁଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବ ବୋଲି ବିଡିଓ ପ୍ରତୀକ କର ଜଣାଇଛନ୍ତି। ତେବେ ତୃଣମୂଳସ୍ତରରେ ପ୍ରଶାସନ ପହଞ୍ଚି ପାରୁ ନ ଥିବାରୁ ଜିଲାରେ ଧନୁଙ୍କ ଭଳି ଅନେକ ଯୋଗ୍ୟ ବ୍ୟକ୍ତି ସରକାରଙ୍କ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି।

# ୬୫ ବର୍ଷରେ କୁମାରକେଲୀ ରାମଲୀଳା



କୁମାରକେଲୀ ରାମଲୀଳାର ଏକ ଦୃଶ୍ୟ।

ବୀରମହାରାଜପୁର, ୧୦।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୁମାରକେଳି ଗାଁର ରଘୁନାଥ କ୍ଲବର ସଦସ୍ୟମାନେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଲୀଳାକୁ ନାଟକ ମାଧ୍ୟମରେ ପ୍ରଦର୍ଶିତ କରି ଗାଁରେ ଏକତା, ଭାଇଚାରା ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ୬୫ ବର୍ଷରେ ପଦାର୍ପଣ କରିଥିବା ଏହି ରାମଲୀଳାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ପ୍ରତି ୧୪ ବର୍ଷରେ ଥରେ ନାମଯଜ୍ଞର ଆୟୋଜନ କରି ଏହାକୁ ପରବର୍ତ୍ତୀ ବର୍ଷ ପୁଣି ଆରମ୍ଭ କରାଯାଏ। ଶେଷ ଥର ପାଇଁ ଯେତେବେଳେ ଏହି ନାଟକ ୫୬ ବର୍ଷରେ ପଦାର୍ପଣ କରିଥିଲା, ଗାଁରେ ଅନୁଷ୍ଠିତ ହୋଇଥିଲା ୫୬ ପ୍ରହରୀ ନାମଯଜ୍ଞ। ରାମନବମୀ ପୂର୍ବ ଦିନରୁ ସମସ୍ତ ନିତିକାନ୍ତିରେ ଆବାଳ ବୃଦ୍ଧବନିତା ୧୫ ଦିନ ଧରି ମନ୍ଦିରରେ ଲାଗୁଥିବା ଭୋଗକୁ ଗାଁରେ ଏକତ୍ର ଭୋଜନ କରନ୍ତି। ଏହା ଦ୍ୱାରା ସମସ୍ତଙ୍କ ଭିତରେ ଏକ ସୁସମ୍ପର୍କ ସହ ଭାଇଚାରା ଗଢିଉଠେ। ସୀତାବିବାହ ଦିନ ପ୍ରଭୁଙ୍କ ବରାତକୁ ଶୋଭାଯାତ୍ରା ମାଧ୍ୟମରେ ବଡ଼ ଧୁମଧାମରେ ଗ୍ରାମ ପରିକ୍ରମା କରାଯାଏ। କ୍ଲବର ସଭାପତି ଗୌତମ ଭୋଇ, ସଦସ୍ୟ ପ୍ରମୋଦ ବେହେରା, ବିକାଶ ପଧାନ ତଥା ମନ୍ଦିରର ମୁଖ୍ୟ ପୂଜକ ବିନୋଦ ମହାପାତ୍ରଙ୍କ ସୂଚନା ଅନୁସାରେ ରାମ ଭୂମିକାରେ ଅଜିତ ବାରିକ ଲକ୍ଷ୍ମଣ ଭୂମିକାରେ ଚନ୍ଦନ ପଧାନ, ସୀତା ଭୂମିକାରେ ଅମ୍ବରୀଶ ଭୋଇ, ହନୁମାନ -ପ୍ରମୋଦ ବେହେରା, ରାବଣ ନିଗମାନନ୍ଦ ବେହେରା, ଇନ୍ଦ୍ରଜିତ ସୁବାଷ ପଧାନ, ଦଶରଥ ରୋହିତ ପଧାନ ଓ କୌଶଲ୍ୟା ଭୂମିକାରେ ବିନୋଦ ମହାପାତ୍ର ପ୍ରମୁଖଙ୍କ ନିଖୁଣ ଅଭିନୟ ଶହଶହ ଲୋକଙ୍କୁ ବାନ୍ଧି ରଖିବାରେ ସଫଳ ହୁଏ । ସେହିପରି ବାଦ୍ୟଯନ୍ତ୍ରରେ ବରିଷ୍ଠ କଳାକାର ଫକିର ମୋହନ ପଧାନ, ରାତ୍ର ପଧାନ, ତ୍ରିପୁରାରୀ ବେହେରା, ମଗନିଆ ପଧାନ ପ୍ରମୁଖ ସହଯୋଗ କରିବା ସହ ନାଟକର ନିର୍ଦ୍ଦେଶନାରେ ପ୍ରମୁଖ ଦାୟିତ୍ୱ ତୁଲାନ୍ତି। ରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁସ୍ଥ ପରମ୍ପରା ବଜାୟ ରଖିବା ପାଇଁ ସମସ୍ତ କଳାକାର ବଦ୍ଧ ପରିକର ବୋଲି ସୂଚନା ପ୍ରଦାନ କରିଛନ୍ତି କ୍ଲବର କର୍ମକର୍ତ୍ତା।

## ରକ୍ତଦାନ ଶିବିର, ୧୦ ୟୁନିଟ୍ ସଂଗ୍ରହ

ବୀରମହାରାଜପୁର,୧୦।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ସ୍ଥାନୀୟ ସାଂସଦ ପ୍ରତିନିଧି ନଳିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଯୁଗ୍ମ ଭାବରେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରର ମଧ୍ୟଭାଗରେ ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁବାଷ ଚନ୍ଦ୍ର ପଣ୍ଡା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ନରେନ୍ଦ୍ର ଝାଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇ ରକ୍ତଦାନ କରିଥିଲେ। ୧୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଆୟୁଷ ଡା. ଅମିତ କୁମାର ମୁଦୁଲିଙ୍କ ସହ ରକ୍ତଭଣ୍ଡାର କର୍ମଚାରୀ ଜଗତ ଦରୁଆନ, ସୁଦାମ ବିଶ୍ୱାଳ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷ ପାଳିତ: ୨୦ କଳାକାର ସମ୍ବର୍ଦ୍ଧିତ

ବୀରମହାରାଜପୁର,୧୦।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେଠାରେ ଶୁକ୍ରବାର ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ବିଡ଼ିଓ ରାଜୀବ କୁମାର ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ବ୍ଲକ କଳାକାର ସଂଘର ଉପସଭାପତି ରାମକୃଷ୍ଣ ପଣ୍ଡା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ସମ୍ମାନିତ ଅତିଥି ଭାବରେ ଏମ୍‌ପି ନମିନି ନଳିନୀ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିପିଓ ସନାତନ ମହାଲିଙ୍ଗ ଯୋଗଦେଇ ବୀରମହାରାଜପୁର କଳା ଓ ସଂସ୍କୃତିରେ ଅଞ୍ଚଳ ବୋଲି କହିଥିଲେ। ଏଠାରେ ପାଲା, ଦାସକାଠିଆ, ସଂକୀର୍ତ୍ତନ, ଦଣ୍ଡ, ରାମଲିଲା ମାଧ୍ୟମରେ ଅଞ୍ଚଳ କଳାକାର ଦେଶ ତଥା ଦେଶ ବାହାରେ ସୁନାମ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ରାମଚନ୍ଦ୍ର ସେଠୀ, ମାରୁଣି ମେଣ୍ଡିଲି, ବିଶିଷ୍ଟ ପାଲାକାର ଶାନ୍ତନୁ କୁମାର ପ୍ରଧାନ, ଅଶୋକ କୁମାର ସାହୁ, ବାବାଜୀ ନୁଆଁଇ, ଭୀମ ପଧାନ, ତପନ ନାଏକ, ବିଶିଷ୍ଟ ସଙ୍କୀର୍ତ୍ତନ ବାୟକ ଗୁରୁ ସୁରେନ୍ଦ୍ର କୁମାର ପୁରୋହିତଙ୍କ ସମେତ ୨୦ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ବ୍ଲକ ମଙ୍ଗଳ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ।

# ଶ୍ରଦ୍ଧା ୱାରିଅରକୁ ହରାଇ ସାହୁ ବ୍ରଦର୍ସ ଚାମ୍ପିୟନ

ଅମରପାଲି,୧୦।୪(ପୀତାମ୍ବର ସାହୁ)



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ପ୍ରଥମ ଟାଙ୍ଗରସାହି ପ୍ରିମିଅର ଲିଗ୍ କ୍ରିକେଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଟାଙ୍ଗରସାହିରେ ହେଉଥିବା ପ୍ରଥମ ଟାଙ୍ଗରସାହି ପ୍ରିମିଅର ଲିଗ୍ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଏହାର ଫାଇନାଲରେ ଶ୍ରଦ୍ଧା ୱାରିଅରକୁ ହରାଇ ସାହୁ ବ୍ରଦର୍ସ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ୩ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଶ୍ରଦ୍ଧା ୱାରିଅର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୬ ଉଇକେଟ ହରାଇ ୧୩ ରନ କରିଥିଲା। ଜବାବରେ ସାହୁ ବ୍ରଦର୍ସ ନିର୍ଦ୍ଧାରିତ ୩ ଓଭରରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ୧୪ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଫର୍ମାଟରେ ଶ୍ରଦ୍ଧା ୱାରିଅର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨ ଓଭରରେ ଗୋଟିଏ ଉଇକେଟ ହରାଇ ୩୯ ରନ କରିଥିଲା। ଜବାବରେ ସାହୁ ବ୍ରଦର୍ସ ନିର୍ଦ୍ଧାରିତ ୨ ଓଭରରେ ୩ଟି ଉଇକେଟ ହରାଇ ୩୬ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା। ଏଥିରେ ସାହୁ ବ୍ରଦର୍ସ ପ୍ରଥମେ ବ୍ୟାଟିଂ କରି ଗୋଟିଏ ଓଭରରେ ୨ ଉଇକେଟ ହରାଇ ୭ ରନ କରିଥିବାବେଳେ ଶ୍ରଦ୍ଧା ୱାରିଅର କେବଳ ୨ରନ ସଂଗ୍ରହ କରିଥିଲା। ଫଳରେ ଦୁଇଟି ଫର୍ମାଟରେ ବିଜୟୀ ହୋଇ ସାହୁ ବ୍ରଦର୍ସ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ,ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କ୍ରୀଡାବିତ ଶୁଭମ ଭୋଇ, ମଣ୍ଟୁ ମିଶ୍ର ଓ ବିପିନ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦିନେଶଙ୍କୁ ମ୍ୟାନ ଅଫ ସିରିଜ, ଶ୍ରୀନିବାସ ତରିଆଙ୍କୁ ମ୍ୟାନ ଅଫ ଫାଇନାଲ, ଜନି ଜିତୁଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ଆହଲ୍ଲାଦ ଭୋଇଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ ଦଳକୁ ନଗଦ ୨୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଚନ୍ଦନ ପଲିଆ ଓ ପବିତ୍ର ମେହେର ପରିଚାଳନା କରିଥିବାବେଳେ ଶୁଭମ ମେହେର ସ୍କୋରର ଏବଂ ବିନୋଦ ମହାକୁର ଓ ଧୂମାକେତୁ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଲିଗ କ୍ରିକେଟରେ ସମୁଦାୟ ୬ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଏହା ୫ ଦିନ ଧରି ହୋଇଥିଲା।

## ଆଡକଟାର ପ୍ରସିଦ୍ଧ ରାମଲୀଳା ସରିଲା

ତରଭା,୧୦।୪(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସିବତୁଲା ଗ୍ରାମପଞ୍ଚାୟତର ଆଡକଟାରେ ପ୍ରସିଦ୍ଧ ରାମଲୀଳା ଶେଷ ହୋଇଛି। ବିଗତ ୧୪ ଦିନଧରି କାଷ୍ଠା ଓ ନିଷ୍ଠାର ସହ ପାଳିତ ହୋଇ ଗୁରୁବାର ରାତିରେ ରାବଣ ବଧ ପରେ ଆନନ୍ଦ ଉତ୍ସାହ ସହ ପ୍ରଭୁ ଶ୍ରୀରାମଙ୍କ ଅଭିଷେକ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମରେ ଗ୍ରାମ ପରିକ୍ରମା କରିଥିଲେ। ଏହି ନାଟକରେ ବିଭିନ୍ନ ଭୂମିକା ଯଥା ରାମଚନ୍ଦ୍ର ଗୋପୀନାଥ ବାଘ, ସୀତା ମଣ୍ଟୁ ବାଘ, ଲକ୍ଷ୍ମଣ ଆଜାଦ ମହାକୁର, ଭରତ ଦୀପକ ମିଶ୍ର, ଶତ୍ରୁଘ୍ନ ଜଗନ୍ନାଥ ମହାକୁର, ହନୁମାନ ଅଶୋକ ମହାକୁର ସୁନ୍ଦର ଭାବରେ ଅଭିନୟ କରିଥିଲେ।



## ସର୍ବସାଧାରଣ ବିଜ୍ଞପ୍ତି

ମୋର ମହକିଲ **ମେସର୍ସ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ଏଚ୍‌ପିସିଏଲ୍)** (ଭାରତ ସରକାରଙ୍କ ଏକ ଉଦ୍ୟୋଗ), କର୍ପୋରେଟ୍ କାର୍ଯ୍ୟାଳୟ ସ୍ଥାନ ଭିଆରପିଏଲ୍ ପ୍ରକଳ୍ପ, ଡିଆର୍ ନଂ.: ୪୩-୨୯-୫୪/୮, ପ୍ରଥମ ମହଲା, ବାଲାଜୀ ମେଟ୍ରୋ ଚାମ୍ବର୍ସ, ଦୋନ୍ଦାପାର୍ଥୀ, ବିଶାଖାପାଟଣା ୫୩୦୦୧୬, ଯାହା ଏହାର ଡେପୁଟି ଜେନେରାଲ ମ୍ୟାନେଜରଙ୍କ ପ୍ରତିନିଧିତ୍ୱ ଅଧୀନରେ, ମୁଁ, ନିମ୍ନଲିଖିତ ସର୍ବସାଧାରଣ ବିଜ୍ଞପ୍ତି ଜାରି କରୁଅଛି । ଯେ ମୋର ମହକିଲ- ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ ନିମ୍ନଦର୍ଶିତ ଅନୁସୂଚିତ ସମ୍ପତ୍ତିଗୁଡ଼ିକୁ ଦର୍ଶିତ ରେକର୍ଡଭୁକ୍ତ ରୟତମାନଙ୍କଠାରୁ କ୍ରୟ କରିବାର ପ୍ରସ୍ତାବ ରଖିଛନ୍ତି, ଯେଉଁମାନଙ୍କର ବିବରଣୀ ତଳେ ଦିଆଗଲା:

| ଖାତା ସଂ. | ପ୍ଲଟ୍ ସଂ. | କିସମ | କ୍ରୟ କରାଯିବାକୁ ଥିବା ରକବା ଏକରରେ | ରେକର୍ଡଭୁକ୍ତ ରୟତ |
|---|---|---|---|---|
| ୯ | ୮୦୮ | ଅନ୍ୟାନ୍ୟ | ୦.୧୦୦୦ | ସନ୍ତୋଷ ମାଝୀ, ଚକ୍ର ମାଝୀ, ପିତା- କାପୁଚରଣ ପୁଟା, ମୁରଲୀ ପୁଟା, କୈବଲ୍ୟ, ପିତା- ଟିକେଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଡୁକସାମାଟି ପୁଟା, ପିତା- ଟିକେଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଦର୍ଲିପଡ଼ା, ସରସ୍ୱତୀ ପୁଟା, ପିତା- ଟିକେଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ତେନ୍ତୁଲିଖୁଣ୍ଟି, ରାଇମତୀ ପୁଟା, ଗୁଣବନ୍ତ ପୁଟା, ସୁନନ୍ତ ପୁଟା, ସୁଭଦ୍ରା ପୁଟା, ପିତା- ଜଇମାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଲକ୍ଷ୍ମଣ ମାଝୀ, ଗଣେଶ ମାଝୀ, ଧନେଶ୍ୱର ମାଝୀ, ପିତା- ଡମ୍ବରୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- ହାତୀସର, ଜାନକୀ ମାଝୀ, ପିତା- ଡମ୍ବରୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- ସହଜାତ, ଚାନ୍ଦିନୀ ମାଝୀ, ପିତା- ଡମ୍ବରୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଭୁବନ ଧରୁଆ, ପୀତାମ୍ବର ଧରୁଆ, ପିତା- ଦୁର୍ଜନ ଧରୁଆ, ଜାତି- ଗଣ୍ଡ, ସ୍ଥାନ- ହରିସର, ବ୍ରଜ ବିହାରୀ ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ସିଆଳଲଟି, ମାଳତୀ ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ସିଲଭା, ଶିର ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଖାଲକୁସୁମ, ସାବିତ୍ରୀ ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଜଟଗଡ଼ା, ଫୁଲମତୀ ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଜଟଦଦା, ସୁଭାଷ ମାଝୀ, ପିତା- ବିକ୍ରମ ମାଝୀ, ଜାତି- ଗଣ୍ଡ, ସ୍ଥାନ- ସାଲନ୍ଦୀ, ଦୁଃଖ ମାଝୀ, ପିତା- ବିକ୍ରମ ମାଝୀ, ଜାତି- ଗଣ୍ଡ, ସ୍ଥାନ- ହାତୀସର, ନିଲେ ମାଝୀ, ପିତା- ବିକ୍ରମ ମାଝୀ, ଜାତି- ଗଣ୍ଡ, ସ୍ଥାନ- କେଶରାଜପୁର, ନନ୍ଦ କୁମାର ମାଝୀ, ପିତା- ଚଇତୁ ମାଝୀ, ପଦ୍ମନ ମାଝୀ, ପିତା- ଚଇତୁ ମାଝୀ, ଗୀତା ମାଝୀ, ପିତା- ଚଇତୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- କୋଟେନଚୁଆଁ, କ୍ଷେତ୍ର ମାଝୀ, କପିଳା ମାଝୀ, ଗୋବିନ୍ଦ ମାଝୀ, ଟିକେମଣି ମାଝୀ, ଜଇମଣି ମାଝୀ, ଗୁଞ୍ଜବତୀ ମାଝୀ, ପିତା- କୁଶଳ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଦର୍ଲିପଡ଼ା, ଲକ୍ଷ୍ମୀ ମାଝୀ, ପିତା- କୁଶଳ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଝଗରାଇ, ମମତା ମାଝୀ, ପିତା- ଉଦ୍ଧବ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଦର୍ଲାପଡ଼ା, ଦୁଃଖବାଇ ମାଝୀ, ପିତା- ଅନିରୁଦ୍ଧ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଭିଲାଇ, ନୃପତି ମାଝୀ, ପିତା- ଅନିରୁଦ୍ଧ ମାଝୀ, ଜାତି- ଗଣ୍ଡ, ସ୍ଥାନ- କେଶରାଜପୁର, ପ୍ରୀତିସାଇ ମାଝୀ, ମାଲକାନ ମାଝୀ, କ୍ଷମାସାଗର ମାଝୀ, ଅଫିସର ମାଝୀ, ପିତା- ତାରାଚାନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଦର୍ଲାପଡ଼ା, ଗମେଇ ମାଝୀ, ପିତା- ତାରାଚାନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ତାନାଓ୍ୱାଟ, ଭାଗ୍ୟବତୀ ମାଝୀ, ପିତା- ତାରାଚାନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଭଣ୍ଡାରପାଟ, କୈବତି ମାଝୀ, ପିତା- ତାରାଚାନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ନୂଆପଡ଼ା, ସେଫଲ ମାଝୀ, ପିତା- ବେଣୁ ମାଝୀ, ଗୋମତୀ ମାଝୀ, ସ୍ୱାମୀ- ହରି ମାଝୀ, ଭୁବଳ ମାଝୀ, ଦୁଆଟେନ ମାଝୀ, ପିତା- ହରି ମାଝୀ, ଅହଲ୍ୟା ମାଝୀ, ସ୍ୱାମୀ- ଦୁଲାକୁ ମାଝୀ, ପୁସ୍ତମ ମାଝୀ, ଦୟା ମାଝୀ, ଟେକାଚାନ ମାଝୀ, ପିତା- ଦୁଲାକୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- କାଶିପାଲ, ଜେମଣି ମାଝୀ, ପିତା- ଦୁଲାକୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- ସହଜାତ, ଘନଶ୍ୟାମ ଗଇନ୍ତା, ରନ୍ତୀ ଗଇନ୍ତା, ପ୍ରଶାନ୍ତ ଗଇନ୍ତା, ଦୁର୍ଯ୍ୟୋଧନ ଗଇନ୍ତା, ପ୍ରେମଲତା ଗଇନ୍ତା, ପିତା- ରଘୁମଣି ଗଇନ୍ତା, ଜାତି- ଗଣ୍ଡ, ସ୍ଥାନ- କଣ୍ଟେଇଝୁଲା । କପୂରଚାନ ପୁଟା, ଟିକେଚାନ ପୁଟା, ପିତା- ପୂର୍ଣ୍ଣ ପୁଟା, ମାଲସିଂହ ପୁଟା, ପିତା- କୁମ୍ଭକର୍ଣ୍ଣ ପୁଟା, ଜାତି: ଗଣ୍ଡ, ସ୍ଥାନ- ନିଜଗାଁ ୭୩୩୬୬୦ |
| | ୮୧୨ | ଅନ୍ୟାନ୍ୟ କ୍ଷେତ୍ର ଆଦି | ୦.୦୫୦୦ | |
| | ୮୧୪ | ଅନ୍ୟାନ୍ୟ | ୦.୦୮୦୦ | |
| | ୧୭୨୭ | ଆଟ ମାମୁଲି | ୦.୯୫୦୦ | |
| | ୧୭୨୭/୨୦୫୪ | ଆଟ ମାମୁଲି | ୦.୫୦୦୦ | |
| | ୧୭୨୭/୨୦୫୧ | ଆଟ ମାମୁଲି | ୧.୦୦୦୦ | |
| | ୧୭୨୭/୨୦୫୨ | ଆଟ ମାମୁଲି | ୦.୩୮୦୦ | |
| | ୧୭୨୭/୨୦୫୩ | ଆଟ ମାମୁଲି | ୧.୩୦୦୦ | |
| | ୮୦୯ | ବାହାଲ ମାମୁଲି | ୦.୭୫୦୦ | |
| | ୮୧୩ | ବାହାଲ ମାମୁଲି | ୦.୬୯୦୦ | |
| | ୮୧୫ | ବାହାଲ ମାମୁଲି | ୦.୭୦୦୦ | |
| | ୮୦୯/୧୯୫୪ | ବାହାଲ ମାମୁଲି | ୦.୦୮୦୦ | |
| | ୮୧୧ | ମାଳ ମାମୁଲି/୮୦ | ୦.୫୬୦୦ | |
| ମୋଟ | | | ୭.୧୪୦୦ | |
| ୩୮ | ୮୦୨ | ଆଟ ମାମୁଲି | ୧.୨୪୦୦ | ପରମା ମାଝୀ, ପିତା- ଯଦୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, କୈରାତ ମାଝୀ, ଶମ୍ଭୁନାଥ ମାଝୀ, ପିତା- ହରଚାନ ମାଝୀ, ବିମଳା ମାଝୀ, ମୀନକେତନ ମାଝୀ, ଦାଶ ଧରୁଆ, ଗୁଣ୍ଡେଇ ନାଏକ, ପିତା- ଗରାସୁ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଭରୁଆମୁଣ୍ଡା, ଧନସିଂହ ମାଝୀ, ଟିକୁନୁ ମାଝୀ, ପିତା- ଦୁର୍ଜନ ମାଝୀ, ସୁଭଦ୍ରା ମାଝୀ, ସ୍ୱାମୀ- ଡମବୁଢ଼ା ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ମୁରଲି ମାଝୀ, ରସମଣି ମାଝୀ, ପିତା- ଡମବୁଢ଼ା ମାଝୀ, ଦଶମୁ ସମରଥ, ନିରନ ସମରଥ, ଜଳସିଂ ସମରଥ, ଦୁଲାମଣି ସମରଥ, ପିତା- ପରମ ସମରଥ, ଜାତି- ଗଣ୍ଡ, ସ୍ଥାନ- ମାଳପାମୁଣ୍ଡା, ନିଅଂଶ ମୃତ, ନିଅଂଶ ମୃତ, ପିତା- ନିଅଂଶ ମୃତ, ନିଅଂଶ ମୃତ, ଜାତି- ଗଣ୍ଡ, ସ୍ଥାନ- ନିଅଂଶ ମୃତ, ସାଜ ମାଝୀ, ପିତା- ଗୋବର୍ଦ୍ଧନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ନିଜଗାଁ |
| | ୮୦୫ | ଆଟ ମାମୁଲି | ୧.୨୭୦୦ | |
| | ୮୦୬/୧୯୫୨ | ଆଟ ମାମୁଲି | ୦.୦୭୦୦ | |
| | ୮୦୪ | ଆଟ ମାମୁଲି/୭ | ୧.୮୯୦୦ | |
| | ୮୦୦ | ଆଟ ମାମୁଲି/୮ | ୧.୯୧୦୦ | |
| ମୋଟ | | | ୬.୩୮୦୦ | |
| ୭୮ | ୮୧୭ | ଅନ୍ୟାନ୍ୟ | ୦.୧୧୦୦ | ଦୁଲେନ ପୁଟା, ସ୍ୱାମୀ- କଣ୍ଡରୁ ପୁଟା, ବର ପୁଟା, ହେମନ୍ତ ପୁଟା, ଅନାଦି ପୁଟା, ପିତା- କଣ୍ଡରୁ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ପାଟିନି ଧରୁଆ, ପିତା- କଣ୍ଡରୁ ପୁଟା, ଜାତି- ଗଣ୍ଡ, ସ୍ଥାନ- ପଣ୍ଡାରି ଜୋର, ସଙ୍ଗୀତା ମାଝୀ, ପିତା- କଣ୍ଡରୁ ପୁଟା, ଶକୁନ୍ତଳା ପୁଟା, ସ୍ୱାମୀ- ସତ୍ୟନାରାୟଣ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଲଳିତା ପୁଟା, କୁଶିରାମ ପୁଟା, ଅନୁଜ ପୁଟା, ସୁଶାନ୍ତ ପୁଟା, ମମିତା ମାଝୀ, ପିତା- ସତ୍ୟନାରାୟଣ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ସୁଶୀଳ ମାଝୀ, ପିତା- ଚମରା ମାଝୀ, ଜାତି- ଗଣ୍ଡ, ସ୍ଥାନ- ଦର୍ଲିପାଲି, ମୋତି ମାଝୀ, ପିତା- କାର୍ତ୍ତିକାର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଧନମତୀ ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ସଇଳଲଟି, ପୁନେ ମାଝୀ, ପିତା- କାର୍ତ୍ତିକ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧର୍ମପୁର, ନିଅଂଶ ମୃତ, ନିଅଂଶ ମୃତ, ପିତା- ନିଅଂଶ ମୃତ, ନିଅଂଶ ମୃତ, ଜାତି- ଗଣ୍ଡ, ସ୍ଥାନ- ନିଅଂଶ ମୃତ, ଲମ୍ବୋଦର ପୁଟା, ପିତା- ହରି ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ବାଲମହି ନାଏକ, ପିତା- ହରି ପୁଟା, ଜାତି- ଗଣ୍ଡ, ସ୍ଥାନ- ଜମୁନାପାଲି, ଉର୍ମିଳା ମାଝୀ, ପିତା- ହରି ପୁଟା, ଜାତି- ଗଣ୍ଡ, ସ୍ଥାନ- ବିଛୁବାହାଲି, ବୈକୁଣ୍ଠ ମାଝୀ, ଜନମ ମାଝୀ, ପିତା- ଚଉବନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଲାଲଝର, କିଆଫୁଲ ମାଝୀ, ପିତା- ଚଉବନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଜମୁନାପାଲି, ଦଶ ମାଝୀ, ଚମ୍ପାବତୀ ମାଝୀ, ପିତା- ଚଉବନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଲାଲଝର ମନ ପୁଟା, ପିତା- ଦେବନ ପୁଟା, ଜାତି- ଗଣ୍ଡ, ସ୍ଥାନ- ନିଜଗାଁ, ସାଧୁ ପୁଟା, ପିତା- ଲକ୍ଷ୍ମୀ ପୁଟା, ଜାତି- ଗଣ୍ଡ, ସ୍ଥାନ- ନିଜଗାଁ, ରାଣୀମତି ସମରଥ, ସ୍ୱାମୀ- ଜିତ ସମରଥ, ଜଗତରାମ ସମରଥ, ପିତା- ଜିତ ସମରଥ, ଜାତି- ଗଣ୍ଡ, ସ୍ଥାନ- ବିଛୁବାହାଲି, ଡାଳିମ୍ବ ମାଝୀ, ଲଇସିନି ମାଝୀ, ପିତା- ସାଧୁ ସମରଥ, ଜାତି- ଗଣ୍ଡ, ସ୍ଥାନ- ମହୁଲପଟି |
| | ୮୧୯ | ଅନ୍ୟାନ୍ୟ | ୦.୦୫୦୦ | |
| | ୭୯୬ | ଆଟ ମାମୁଲି | ୦.୫୧୦୦ | |
| | ୭୯୭ | ଆଟ ମାମୁଲି | ୦.୩୩୦୦ | |
| | ୭୯୯ | ଆଟ ମାମୁଲି | ୦.୫୧୦୦ | |
| | ୮୧୮ | ଆଟ ମାମୁଲି | ୦.୦୬୦୦ | |
| | ୧୭୨୯ | ଆଟ ମାମୁଲି | ୧.୧୮୦୦ | |
| | ୭୯୫ | ବାହାଲ ମାମୁଲି | ୦.୮୦୦୦ | |
| | ୮୧୬ | ବାହାଲ ମାମୁଲି | ୦.୬୯୦୦ | |
| | ୭୯୪ | ବେର୍ଣ୍ଣା ମାମୁଲି | ୧.୧୯୦୦ | |
| | ୧୭୩୨ | ବାହାଲ ମାମୁଲି/୨ | ୦.୩୫୦୦ | |
| | ୭୯୮ | ମାଳ ମାମୁଲି | ୦.୦୨୦୦ | |
| | ୮୧୧/୧୯୫୫ | ମାଳ ମାମୁଲି | ୦.୧୫୦୦ | |
| | ୮୨୦ | ମାଳ ମାମୁଲି/୩ | ୦.୪୦୦୦ | |
| | ୧୭୨୮ | ମାଳ ମାମୁଲି/୩ | ୦.୫୯୦୦ | |
| ମୋଟ | | | ୬.୯୪୦୦ | |
| ୮୦ | ୧୭୨୬ | ଆଟ ମାମୁଲି | ୨.୭୦୦୦ | ବେଲମତୀ ପୁଟା, ସ୍ୱାମୀ- ଭୁବନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ସୋଭାଗିନୀ ମାଝୀ, ପିତା- ଭୁବନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଜାମୁଟାଜୋରି, କବିତା ମାଝୀ, ପିତା- ଭୁବନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଜୟନ୍ତୀ ପୁଟା, ପିତା- ଭୁବନ ପୁଟା, ଜାତି- ଗଣ୍ଡ, ସ୍ଥାନ- ସୁନାପୁର, ତିଳୋତ୍ତମା ପୁଟା ସ୍ୱାମୀ- ନୀଳାମ୍ବର ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଶକୁନ୍ତଳା ଗଇନ୍ତା, ପିତା- ନୀଳାମ୍ବର ପୁଟା, ଜାତି- ଗଣ୍ଡ, ସ୍ଥାନ- ହିଆଲ, ମହେନ୍ଦ୍ର ପୁଟା, ପ୍ରଫୁଲ୍ଲ ପୁଟା, ପିତା- ନୀଳାମ୍ବର ପୁଟା, ଯଶୋବନ୍ତୀ ପୁଟା, ସ୍ୱାମୀ- ଦିଗାମ୍ବର ପୁଟା, ଗଦାଧର ପୁଟା, ବିଦ୍ୟାଧର ପୁଟା, ଶୁଭେନ୍ଦ୍ର ପୁଟା, ରବୀନ୍ଦ୍ର ପୁଟା, ଚାରୁଲତା ପୁଟା, ନିରୁପମା ପୁଟା, ପିତା- ଦିଗାମ୍ବର ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ହୀରାବତୀ ମାଝୀ, ପିତା- ବଂଶୀଧର ପୁଟା, ଜାତି- ଗଣ୍ଡ, ସ୍ଥାନ- ଘନମହୁଲ, ଉର୍ମିଳା ମାଝୀ, ପିତା- ବଂଶୀଧର ପୁଟା, ଜାତି- ଗଣ୍ଡ, ସ୍ଥାନ- ଖଇରା, ଗିରିଧାରୀ ପୁଝାରୀ, ହରେଶ ପୁଝାରୀ, ପିତା- ଗୌତମ ପୁଝାରୀ, ଜାତି- ଗଣ୍ଡ, ସ୍ଥାନ- ସାଲନ୍ଦୀ, ହୀରାବତୀ ପୁଟା, ସ୍ୱାମୀ- ଜଇଧର ପୁଟା, ହେମବତୀ ପୁଟା, ସ୍ୱାମୀ- କୀର୍ତ୍ତନ ପୁଟା, ରଞ୍ଜିତ ପୁଟା, ଚନ୍ଦ୍ର ପୁଟା, ପିତା- କୀର୍ତ୍ତନ ପୁଟା, ଶାନ୍ତି ପୁଟା, ସ୍ୱାମୀ- ପଦ୍ମଲୋଚନ ପୁଟା, ଲିଙ୍ଗରାଜ ପୁଟା, ପିତା- ପଦ୍ମଲୋଚନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଅନୀତା ମାଝୀ, ପିତା- ପଦ୍ମଲୋଚନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଘୁନେଶ, ସୁନୀତା ମାଝୀ, ପିତା- ପଦ୍ମଲୋଚନ ପୁଟା, କୈକେୟୀ ପୁଟା, ପିତା- ଜଇଧର ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, କୌଶଲ୍ୟା ମାଝୀ, ପିତା- ଜଇଧର ପୁଟା, ଜାତି- ଗଣ୍ଡ, ସ୍ଥାନ- ଡୁମଡେରଚୁଆଁ, ପରମେଶ୍ୱର ପୁଟା, ସଂକୀର୍ତ୍ତନ ପୁଟା, ବାଳକୃଷ୍ଣ ପୁଟା, ଧନମତୀ ମାଝୀ, ପିତା- ଗୁରୁବାରୁ ପୁଟା, ବିଷ୍ଣୁ ପୁଟା, ରାୟମତୀ ମାଝୀ, ପିତା- ବ୍ରଜେଶ ପୁଟା, ଅମ୍ବିକା ପୁଟା, ସ୍ୱାମୀ- ଲୋଚନ ପୁଟା, ରାମଚାଲ ପୁଟା, ହେମନ୍ତ ପୁଟା, ଦେବାଚନ ପୁଟା, ପିତା- ଲୋଚନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଭୂମିସୁତା ମାଝୀ, ପିତା- ଲୋଚନ ପୁଟା, ଜାତି- ଗଣ୍ଡ, ସ୍ଥାନ- କପାଣି, କରମାଣି ପୁଟା, ସ୍ୱାମୀ- ଚଇତୁ ପୁଟା, ଅଶ୍ୱନୀ ପୁଟା, ଧର୍ମବନ୍ତୀ ପୁଟା, ପିତା- ଚଇତୁ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ରଜନୀ ମାଝୀ, ପିତା- ଚଇତୁ ପୁଟା, ଜାତି- ଗଣ୍ଡ, ସ୍ଥାନ- ଘନମହୁଲ, ଜୟନ୍ତୀ ମାଝୀ, ପିତା- ଚଇତୁ ପୁଟା, ଜାତି- ଗଣ୍ଡ, ସ୍ଥାନ- କୁହିବାହାଲ ସତ୍ୟବତୀ ମାଝୀ, ପିତା- ଚଇତୁ ପୁଟା, ଜାତି- ଗଣ୍ଡ, ସ୍ଥାନ- କୁରେଶ୍ୱର, ରତନୀ ପୁଟା, ସ୍ୱାମୀ- ଖଇରାସିନ୍ଧୁ ପୁଟା, ରାଜମନ ପୁଟା, ପିତା- ଖଇରାସିନ୍ଧୁ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, କୁମାରୀ ମାଝୀ, ପିତା- ମଙ୍ଗୁଳି ପୁଟା, ଜାତି- ଗଣ୍ଡ, ସ୍ଥାନ- ମହୁଲପଟି, ଧନମତୀ ପୁଟା, ସ୍ୱାମୀ- ରାମନ୍ଦ୍ର ପୁଟା, ଗୋବର୍ଦ୍ଧନ ପୁଟା, ପିତା- ରାମଚନ୍ଦ୍ର ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ପଦ୍ମିନୀ ପୁଟା, ପିତା- ରାମଚନ୍ଦ୍ର ପୁଟା, ଜାତି- ଗଣ୍ଡ, ସ୍ଥାନ- ବନ୍ଧନପାଲି, ସନ୍ତୋଷ ପୁଟା, ପିତା- ରାମଚନ୍ଦ୍ର ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା । |
| ମୋଟ | | | ୨.୭୦୦୦ | |
| ୮୭ | ୮୨୭ | ଅନ୍ୟାନ୍ୟ | ୦.୦୬୦୦ | ରୂପ ମାଝୀ, ନୀଳ ମାଝୀ, ଯୋଗେଶ୍ୱର ମାଝୀ, ଚୈତନ୍ୟ ମାଝୀ, ପିତା- ବେଣୁଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ନୀଳେନ୍ଦ୍ରି ମାଝୀ, ପିତା- ବେଣୁଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଭରୁଆମୁଣ୍ଡା, କୁମାରୀ ସମରଥ, ପିତା- ବେଣୁଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ମନଦେଇ ମାଝୀ, ପିତା- ବେଣୁଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ବିଛୁବାହାଲି, ବିବେକାନନ୍ଦ ମାଝୀ, ପିତା- ସହଦେବ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା |
| | ୮୨୬ | ଆଟ ମାମୁଲି | ୦.୧୫୦୦ | |
| ୮୭ | ୮୨୮ | ବାହାଲ ମାମୁଲ | ୧.୪୯୦୦ | |
| ମୋଟ | | | ୧.୭୦୦୦ | |
| ୯୦ | ୧୭୪୦ | ଅନ୍ୟାନ୍ୟ | ୦.୦୬୦୦ | ନିରୁପମା ମହାନନ୍ଦ, ସ୍ୱାମୀ- ବୈଷ୍ଣବ ମହାନନ୍ଦ, ରମେଶ ଚନ୍ଦ୍ର ମହାନନ୍ଦ, କିଶୋର ଚନ୍ଦ୍ର ମହାନନ୍ଦ, ହରିଶ ଚନ୍ଦ୍ର ମହାନନ୍ଦ, ଦୀନେଶ ଚନ୍ଦ୍ର ମହାନନ୍ଦ, ଯଶୋବନ୍ତୀ ମହାନନ୍ଦ, ଲାଜବନ୍ତୀ ମହାନନ୍ଦ, ଦମୟନ୍ତୀ ମହାନନ୍ଦ, ପିତା- ବୈଷ୍ଣବ ମହାନନ୍ଦ, ହର୍ଷବତୀ ମହାନନ୍ଦ, ସ୍ୱାମୀ- ନନ୍ଦରାମ ମହାନନ୍ଦ, ଭରତ ମହାନନ୍ଦ, ପିତା- ନନ୍ଦରାମ ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- କଣ୍ଡାବାଞ୍ଜି, ଯମୁନା ନାଗ, ପିତା- ନନ୍ଦରାମ ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- ରାଉରକେଲା, ପୂଜା ମହାନନ୍ଦ, ପିତା- ନନ୍ଦରାମ ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- କଣ୍ଟାବାଞ୍ଜି, ଖୁସିରାମ ମହାନନ୍ଦ, ପିତା- ପବିତ୍ର ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- ନିଜଗାଁ |
| | ୧୭୩୦ | ବାହାଲ ମାମୁଲି/୮ | ୨.୬୦୦୦ | |
| | ୧୭୪୧ | ବେର୍ଣ୍ଣା ମାମୁଲି/୨ | ୧.୦୯୦୦ | |
| ମୋଟ | | | ୩.୭୫୦୦ | |
| ୯୪ | ୮୦୭/୧୯୫୩ | ବାହାଲ ମାମୁଲି | ୦.୧୦୦୦ | ଅରୁଣ ମାଝୀ, ପିତା- ଭରତ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଶ୍ରୀମତୀ ଧରୁଆ, ପିତା- ଭରତ ମାଝୀ, ଜାତି- ଗଣ୍ଡ, ସ୍ଥାନ- ମାଳିଶିର, ଯମୁନା ମାଝୀ, ସ୍ୱାମୀ- ହୃଷୀ ମାଝୀ, ଜାହ୍ନବି ନାଏକ, ସ୍ୱାମୀ- ସତ୍ୟନାରାୟଣ ମାଝୀ, ରୀତେଶ ପ୍ରତାପ ମାଝୀ, କ୍ଷୀତିଶ କୁମାର ମାଝୀ, ପିତା- ସତ୍ୟନାରାୟଣ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଯଶୋବନ୍ତୀ ମାଝୀ, ପିତା- ହୃଷି ମାଝୀ, ଜାତି- ଗଣ୍ଡ, ସ୍ଥାନ- କଣ୍ଟେଇଝୁଲା, ଲିଳାବତୀ ଧରୁଆ, ପିତା- ହୃଷୀ ମାଝୀ, ଜାତି- ଗଣ୍ଡ, ସ୍ଥାନ- ନାହେନବନ୍ଧ, ମମତା ମାଝୀ, ପିତା- ହୃଷୀ ମାଝୀ, ଗୌରୀ ମାଝୀ, ସ୍ୱାମୀ- କପିଳ ମାଝୀ, ଭାଗ୍ୟଶ୍ରୀ ମାଝୀ, ଭୂମିସୁତା ମାଝୀ, ପଲ୍ଲବୀ ମାଝୀ, ପିତା- କପିଳ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ଗୋମତୀ ବାଇ ମାଝୀ, ପିତା- ଲମ୍ବୋଦର ମାଝୀ, ଜାତି- ଗଣ୍ଡ, ସ୍ଥାନ- ମହାସୁମୁଣ୍ଡ, ମମତା ମାଝୀ, ପିତା- ହୃଷୀକେଶ ମାଝୀ, ଗୌରୀ ମାଝୀ, ସ୍ୱାମୀ- କପିଳ ମାଝୀ, ଭାଗ୍ୟଶ୍ରୀ ମାଝୀ, ଭୂମିସୁତା ମାଝୀ, ପଲ୍ଲବୀ ମାଝୀ, କପିଳ ମାଝୀ, ଗୋମତୀବା ମାଝୀ, ପିତା- ଲମ୍ବୋଦର ମାଝୀ |
| ମୋଟ | | | ୦.୧୦୦୦ | |
| ୧୧୩ | ୮୦୬ | ଆଟ ମାମୁଲି | ୦.୨୪୦୦ | କୁମାର ମାଝୀ, ପିତା- ଘନଶ୍ୟାମ ପୁଟା, ଜାତି- ଗଣ୍ଡ, ସ୍ଥାନ- ମହୁଲପଟି, ରତନୀ ପୁଟା, ସ୍ୱାମୀ- କ୍ଷୀରସିନ୍ଧୁ ପୁଟା, ରାଜମନ ପୁଟା, ପିତା- କ୍ଷୀରସିନ୍ଧୁ ପୁଟା, ଧନମତୀ ପୁଟା, ସ୍ୱାମୀ- ରାମଚନ୍ଦ୍ର ପୁଟା, ସନ୍ତୋଷ ପୁଟା, ଗୋବର୍ଦ୍ଧନ ପୁଟା, ପିତା- ରାମଚନ୍ଦ୍ର ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ପଦ୍ମିନୀ ମାଝୀ, ପିତା- ରାମଚନ୍ଦ୍ର ପୁଟା, ଜାତି- ଗଣ୍ଡ, ସ୍ଥାନ- ବନ୍ଧନପାଲି, ଉଗ୍ରମାଧ ମାଝୀ, ଯୋଗେଶ୍ୱର ମାଝୀ, ଗୌରୀଶଙ୍କର ମାଝୀ, ଅନନ୍ତରାମ ମାଝୀ, ପିତା- ଚକ୍ରଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଡୁକଲା, ଯମୁନା ମାଝୀ, ପିତା- ଚକ୍ରଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, କରୁଣାକର ମାଝୀ, ଦିଲ୍ଲୀପ କୁମାର ମାଝୀ, ପିତା- ହରିଶଙ୍କର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଡୁକଲା, ପ୍ରତୀମା ମାଝୀ, ପିତା- ହରିଶଙ୍କର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଜାମସେଠ, ତ୍ରିବେଣୀ ମାଝୀ, ପିତା- ହରିଶଙ୍କର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଖଲିଓଉଟ, ମଧୁରୀ କୁମୁରା ପିତା- ଚକ୍ରଧର ମାଝୀ, ଜାତି- ଗଣ୍ଡ, ସ୍ଥାନ- ଗୁଡ଼ାପାଲି, ଖଗେଶ୍ୱର ମାଝୀ, ପଦ୍ମନ ମାଝୀ, ପିତା- କେଶରୀ ମାଝୀ, ପଦ୍ମା ମାଝୀ, ସ୍ୱାମୀ- ପୃଥୀରାଜ ମାଝୀ, ଦେବରାଜ ମାଝୀ, ସିଦ୍ଧାର୍ଥ ମାଝୀ, ପିତା- ପୃଥିରାଜ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଡୁକଲା, ସୁମିତ୍ରା ମାଝୀ, ପିତା- ଲୋକନାଥ ଧରୁଆ, ଜାତି- ଗଣ୍ଡ, ସ୍ଥାନ- ମାଲପାମୁଣ୍ଡା, କିଶୋର ଧରୁଆ, ପିତା- ଲୋକନାଥ ଧରୁଆ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ମିଥିଳା ମାଝୀ, ପିତା- ଲୋକନାଥ ଧରୁଆ, ଜାତି- ଗଣ୍ଡ, ସ୍ଥାନ- ତେଲିପଦର, ରତନୀ ଧରୁଆ, ପିତା- ଲୋକନାଥ ଧରୁଆ, ଦଶବନ୍ତୀ ଧରୁଆ, ପିତା- ଚନ୍ଦ୍ରମଣି ଧରୁଆ, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା |
| ମୋଟ | | | ୦.୨୪୦୦ | |
| ୧୩୭ | ୮୨୧ | ଆଟ ମାମୁଲି | ୦.୭୯୦୦ | ଲମ୍ବୋଦର ପୁଟା, ସ୍ୱା- ହରିଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ବାଲମହୀ ନାଏକ, ପିତା- ହରିଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଯମୁନାପାଲି, ଉର୍ମିଳା ମାଝୀ, ପିତା- ହରିଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ବିଛୁବାହାଲି, ବୈକୁଣ୍ଠ ମାଝୀ, ଜନମ ମାଝୀ, ପିତା- ଚଉବନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଲାଲ ଝର, କିଆଫୁଲ ମାଝୀ, ପିତା- ଚଉବନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଯମୁନାପାଲି, ଦାଶ ମାଝୀ, ଚମ୍ପାବତୀ ମାଝୀ, ପିତା- ଚଉବନ ମାଝୀ, ଜାତି- ଗଣ୍ଡ, ସ୍ଥାନ- ଲାଲଝର, ମନ ପୁଟା, ପିତା- ଦେଚାନ ପୁଟା, ଜାତି- ଗଣ୍ଡ, ସ୍ଥାନ- ଧାମନଡଙ୍ଗା, ନିଅଂଶ ମୃତ, ନିଅଂଶ ମୃତ, ପିତା- ନିଅଂଶ ମୃତ, ନିଅଂଶ ମୃତ, ଜାତି- ଗଣ୍ଡ, ସ୍ଥାନ- ନିଅଂଶ ମୃତ, ସାଧୁ ପୁଟା, ସ୍ୱାମୀ- ଲକ୍ଷ୍ମୀଧର ପୁଟା, ଜାତି- ଗଣ୍ଡ, ସ୍ଥାନ- ନିଜଗାଁ, ଡାଳିମ୍ବ ମାଝୀ, ଲାଇସିନି ମାଝୀ, ପିତା- ସାଧୁ ସମରଥ, ଜାତି- ଗଣ୍ଡ, ସ୍ଥାନ- ମହୁଲପଟି, ରାଣୀମତି ସମରଥ, ସ୍ୱାମୀ- ଜିତ ସମରଥ, ଜଗତରାମ ସମରଥ, ପିତା- ଜିତ ସମରଥ, ଜାତି- ଗଣ୍ଡ, ସ୍ଥାନ- ବିଛୁବାହାଲି |
| | ୮୨୨ | ଆଟ ମାମୁଲି | ୦.୩୩୦୦ | |
| | ୮୨୩ | ବେର୍ଣ୍ଣା ମାମୁଲି | ୦.୬୩୦୦ | |
| | ୮୨୪ | ମାଳ ମାମୁଲି | ୦.୩୯୦୦ | |
| | ୮୨୫ | ମାଳ ମାମୁଲି/୪ | ୦.୯୧୦୦ | |
| ମୋଟ | | | ୩.୦୫୦୦ | |
| ୧୩୮/୬୩ | ୧୭୩୧ | ଆଟ ମାମୁଲି | ୧.୮୨୦୦ | ନିରୁପମା ମହାନନ୍ଦ, ସ୍ୱାମୀ- ବୈଷ୍ଣବ ମହାନନ୍ଦ, ରମେଶ ଚନ୍ଦ୍ର ମହାନନ୍ଦ, କିଶୋର ଚନ୍ଦ୍ର ମହାନନ୍ଦ, ହରିଶ ଚନ୍ଦ୍ର ମହାନନ୍ଦ, ଦୀନେଶ ଚନ୍ଦ୍ର ମହାନନ୍ଦ, ଯଶୋବନ୍ତୀ ମହାନନ୍ଦ, ଲାଜବନ୍ତୀ ମହାନନ୍ଦ, ଦମୟନ୍ତୀ ମହାନନ୍ଦ, ପିତା- ବୈଷ୍ଣବ ମହାନନ୍ଦ, ହର୍ଷବତୀ ମହାନନ୍ଦ, ସ୍ୱାମୀ- ନନ୍ଦରାମ ମହାନନ୍ଦ, ଭରତ ମହାନନ୍ଦ, ପିତା- ନନ୍ଦରାମ ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- କଣ୍ଡାବାଞ୍ଜି, ଯମୁନା ନାଗ, ପିତା- ନନ୍ଦରାମ ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- ରାଉରକେଲା, ପୂଜା ମହାନନ୍ଦ, ପିତା- ନନ୍ଦରାମ ମହାନନ୍ଦ, ଜାତି- ଗଣ୍ଡ, ସ୍ଥାନ- କଣ୍ଟାବାଞ୍ଜି |
| | ୧୭୩୯ | ଆଟ ମାମୁଲି | ୦.୫୫୦୦ | |
| | ୧୭୪୨ | ଆଟ ମାମୁଲି | ୪.୧୩୦୦ | |
| ମୋଟ | | | ୬.୫୦୦୦ | |
| ୧୩୯/୨୧୦ | ୮୦୯/୨୪୮୭ | ବାହାଲ ମାମୁଲି | ୦.୫୪୦୦ | ତ୍ରିଲୋଚନ ରଣା, ପିତା- ରଥ ରଣା, ଜାତି- କୁମ୍ଭାର, ସ୍ଥାନ- ନିଜଗାଁ |
| ମୋଟ | | | ୦.୫୪୦୦ | |
| ୧୩୯/୨୨୯ | ୮୦୮/୨୫୨୫ | ଅନ୍ୟାନ୍ୟ କ୍ଷେତ୍ର ଆଦି | ୦.୦୫୦୦ | ତ୍ରିଲୋଚନ ରଣା, ପିତା- ରଥ ରଣା, ଜାତି- କୁମ୍ଭାର, ସ୍ଥାନ- ନିଜଗାଁ |
| | ୧୭୨୭/୨୫୨୭ | ଆଟ ମାମୁଲି | ୦.୩୧୦୦ | |
| | ୮୦୯/୨୫୨୬ | ବାହାଲ ମାମୁଲି | ୦.୮୯୦୦ | |
| ମୋଟ | | | ୧.୨୫୦୦ | |
| ସର୍ବମୋଟ | | | ୪୦.୨୯୦୦ | |

ତେଣୁକରି, ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରିଦିଆଯାଉଛି କି ଯଦି ନିମ୍ନଦର୍ଶିତ ଅନୁସୂଚିତ ଜମିରେ ଯଦି କୌଣସି ବ୍ୟକ୍ତି(ଗଣ)ଙ୍କର କୌଣସି ଦାବି କିମ୍ବା ଅଧିକାର, ମାଲିକାନା, ବିକ୍ରୟ ରାଜିନାମା, ଦଖଲ କିମ୍ବା ସ୍ୱାର୍ଥ ଆଦି ରହିଥାଏ ତେବେ ସେମାନେ ସମର୍ଥିତ ଦସ୍ତାବିଜ ସହିତ ନିଜର ଲିଖିତ ଆପତ୍ତି(ଗୁଡ଼ିକୁ) ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବ୍ୟକ୍ତିଗତ ଭାବେ କିମ୍ବା ପଞ୍ଜୀକୃତ ଡାକ ଯୋଗେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ, ଅର୍ଥାତ୍ **ତା୨୧।୦୪।୨୦୨୬ରିଖ** ସୁଦ୍ଧା ଦାଖଲ କରିବେ ଏବଂ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ଆପତ୍ତି ପ୍ରାପ୍ତ ନ ହୁଏ ତେବେ ଆମ୍ଭର ମହକିଲ- ଏଚ୍‌ପିସିଏଲ୍ ଏହା ବିବେଚନା କରିବେ ଯେ କୌଣସି ଆପତ୍ତି ନାହିଁ ଏବଂ ନିର୍ଦ୍ଧାରିତ ସମୟସୀମା ପରେ ନିଗମ ଦ୍ୱାରା କୌଣସି ଆପତ୍ତିକୁ ପ୍ରଶ୍ରୟ ଦିଆଯିବ ନାହିଁ ଓ ନିଗମ ଜମି ମାଲିକ(ଗଣ)ଙ୍କଠାରୁ ଅନୁସୂଚିତ ଜମିକୁ କ୍ରୟ କରିବା ପାଇଁ ଆଗକୁ ବଢ଼ିପାରିବେ ।

**ସମ୍ପତ୍ତିର ଅନୁସୂଚୀ:** ଏ.୪୦.୨୯ ଡିସିମିଲ ପରିମାପ ବିସ୍ତାରର ଜମିର ସମସ୍ତ ଭାଗ ଓ ଅଂଶବିଶେଷ ଯାହାର ଚଉହଦି ନିମ୍ନ ଅନୁଯାୟୀ ଅଟେ, ପୂର୍ବ: ପ୍ଲଟ୍ ନଂ. ୧୭୩୮, ୧୭୪୪, ୧୭୪୭, ୧୭୪୩ ଏବଂ ୧୭୪୮, ଦକ୍ଷିଣ: ପ୍ଲଟ୍ ନଂ.: ୭୯୩, ୧୭୩୩ ଏବଂ ୧୭୩୮, ପଶ୍ଚିମ: ପ୍ଲଟ୍ ନଂ. ୮୦୭ ଏବଂ ରାଜ୍ୟ ରାଜପଥ ୪୨, ଉତ୍ତର: ପ୍ଲଟ୍ ନଂ. ୮୩୦, ୮୨୯, ୧୭୦୬, ୧୭୦୭, ୧୭୦୮, ୧୭୧୯, ୧୭୨୫ ଏବଂ ୧୭୪୮

**ମନୋଜ କୁମାର ମହାପାତ୍ର,** ଏଲ୍.ଏଲ୍.ଏମ୍., ଆଡ୍‌ଭୋକେଟ୍
ବିଳାସ ନିବାସ, ନବରାଜ ବିହାର ଲେନ୍, ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ-୭୫୯୦୦୧ ।
ଏ/ପି: କୈକେୟୀ ନିବାସ, ପ୍ଲଟ୍ ନଂ. ୫୦୬/୧୦, କ୍ୟାମ୍ପସ୍-୪, ବୟଜ୍ ହଷ୍ଟେଲ୍, ଏସ୍‌ଓଏ, ସାମପୁର, ଭୁବନେଶ୍ୱର-୭୫୧୦୦୩
ଇମେଲ୍: manojakumar1970@gmail.com, ସେଲ୍: ୯୪୩୭୩୮୨୧୩୬, ୯୪୩୭୧୪୦୯୭୧

